# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 https://voiceofvictimsepaper.in Weekly Multilingual Rs - 5.00

ଭାଗ: ୩, ସଂଖ୍ୟା: ୪୬, ଭୁବନେଶ୍ୱର, ଅକ୍ଟୋବର ୫ - ଅକ୍ଟୋବର ୧୧, ୨୦୨୬, Vol: 3, Issue: 46, Bhubaneswar, Oct. 5 - Oct. 11, 2026 Pages- 8



ପୃଷ୍ଠା ୪ ସମ୍ପାଦକୀୟ : ଜାଲ୍ ବାଜିଲେ ମାଛ...

ପୃଷ୍ଠା ୮ କ୍ରେଜ୍ କମିନି ନବୀନଙ୍କର


# ଭୁଲ୍ ସୁଧାରିପାରିବେ କି ସୁଜାତା କାର୍ତ୍ତିକେୟନ ରାଉତ ?



**ଭୁବନେଶ୍ୱର (ଭିଓଭି : ବ୍ୟୁରୋ)**

ପାଣ୍ଡିଆନ୍‌ଙ୍କ ରାଜନୈତିକ ରଣନୀତିରୁ ଶିକ୍ଷା ନେଇ ବିଜେଡିକୁ ପୁନର୍ଗଠିତ କରିବାରେ ସଫଳ ହେବେ କି ସୁଜାତା ରାଉତ ? ରାଜ୍ୟର ବିକାଶମୂଳକ କାର୍ଯ୍ୟକ୍ରମରେ ଭି.କେ. ପାଣ୍ଡିଆନ୍‌ଙ୍କ ଭୂମିକାକୁ ନେଇ ଭିନ୍ନ ଭିନ୍ନ ମତ ରହିଛି। ତେବେ ତାଙ୍କର କେତେକ ରାଜନୈତିକ ପଦକ୍ଷେପ ବିଜୁ ଜନତା ଦଳ (ବିଜେଡି) ପାଇଁ ବୁମେରାଂ ସାଜିଥିଲା ବୋଲି ରାଜନୈତିକ ମହଲରେ ଏକ ଧାରଣା ରହିଛି। ଦୀର୍ଘଦିନ ଧରି ଓଡ଼ିଶାର ଶାସନ କ୍ଷମତାରେ ରହିଥିବା ବିଜେଡିର ପରାଜୟ ପଛରେ ଏହି ଗୋଟିଏ କାରଣ ନଥିଲେ ମଧ୍ୟ ଦଳର ଆଭ୍ୟନ୍ତରୀଣ କାର୍ଯ୍ୟଶୈଳୀ, ନେତୃତ୍ୱ ଓ କର୍ମୀଙ୍କ ସହ ସମ୍ପର୍କକୁ ନେଇ ଉଠିଥିବା ପ୍ରଶ୍ନଗୁଡ଼ିକ ଆଜି ବି ଆଲୋଚନାର ବିଷୟ। ପ୍ରଥମ ପ୍ରଶ୍ନ ଉଠେ, ନବୀନ ନିବାସକୁ ପ୍ରବେଶ ନେଇ କଡ଼ା ନିୟମ ଓ ନିୟନ୍ତ୍ରଣ କାହିଁକି ? ଦଳର ବରିଷ୍ଠ ନେତା ଓ ନେତ୍ରୀମାନେ ନବୀନ ବାବୁଙ୍କୁ ସହଜରେ ଭେଟିବା, ନିଜ ଅଞ୍ଚଳର ସମସ୍ୟା ଜଣାଇବା କିମ୍ବା ଦଳୀୟ ପ୍ରସଙ୍ଗରେ ଆଲୋଚନା କରିବାର ସୁଯୋଗ ପାଉନଥିବା ନେଇ ଯେଉଁ ଅସନ୍ତୋଷ ପ୍ରକାଶ ପାଇଥିଲା, ତାହା ଦଳର ଆଭ୍ୟନ୍ତରୀଣ ଦୂରତାକୁ ବଢ଼ାଇଥିଲା ବୋଲି ଅନେକଙ୍କ ମତ। ଏହା ସହିତ ନବୀନ ବାବୁଙ୍କ ସାର୍ବଜନୀନ ଉପସ୍ଥିତିକୁ ନେଇ ମଧ୍ୟ ବିଭିନ୍ନ ସମୟରେ ପ୍ରଶ୍ନ ଉଠିଥିଲା। ଚପଲ ପିନ୍ଧି ଜଗନ୍ନାଥଙ୍କୁ ମୁଣ୍ଡିଆ ମାରିବା ଘଟଣା, ଅସୁସ୍ଥ ମୁଖ୍ୟମନ୍ତ୍ରୀଙ୍କୁ ବଗିଚାରେ ବ୍ୟାୟାମ କରୁଥିବା ଦୃଶ୍ୟରେ ଉପସ୍ଥାପନ କରିବା ଏବଂ ସରକାରୀ ଯୋଜନାର ହିତାଧିକାରୀ ଓ ଚାଷୀଙ୍କ ସହ ମୋବାଇଲରେ କଥାବାର୍ତ୍ତାର ଭିଡିଓ ପ୍ରସାରଣ କରିବା ଭଳି ପଦକ୍ଷେପ ଦଳର ରାଜନୈତିକ ଛବିକୁ ନେଇ ଆଲୋଚନା ସୃଷ୍ଟି କରିଥିଲା। ନବୀନ ବାବୁଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସାର୍ବଜନୀନ ମଞ୍ଚରେ ଯେଉଁ ଧାରଣା ଗଢ଼ିଉଠିଲା, ତାହାର ରାଜନୈତିକ ପ୍ରଭାବକୁ ଦଳ ଠିକ୍ ଭାବେ ଆକଳନ କରିପାରିଥିଲା କି ନାହିଁ, ତାହା ମଧ୍ୟ ଏକ ପ୍ରଶ୍ନ। ଦଳୀୟ ସଂଗଠନରେ ନେତାଙ୍କ ଗୁରୁତ୍ୱ ଓ ସମ୍ମାନ ଏକ ମୁଖ୍ୟ ବିଷୟ। ପାଣ୍ଡିଆନ୍‌ଙ୍କ ପସନ୍ଦର ନେତାମାନଙ୍କୁ ବିଭିନ୍ନ ନିଗମରେ ନିଯୁକ୍ତି ଦେବା, ଟିକେଟ୍ ବଣ୍ଟନରେ ଅନିୟମିତତା ନେଇ ଉଠିଥିବା ଅଭିଯୋଗ ଏବଂ ଦୀର୍ଘବର୍ଷ ଧରି ଦଳ ପାଇଁ କାମ କରିଥିବା କେତେକ ନେତାଙ୍କୁ ଅବହେଳା କରାଯାଇଥିବା ଧାରଣା ଦଳର ତୃଣମୂଳ ସ୍ତରରେ ଅସନ୍ତୋଷ ସୃଷ୍ଟି କରିଥିବା କୁହାଯାଏ। ଦଳୀୟ ପୋଷ୍ଟରରେ ବିଜୁ ବାବୁଙ୍କ ସ୍ଥାନରେ ନିଜର ଛବିକୁ ଗୁରୁତ୍ୱ ଦେବା ନେଇ ହୋଇଥିବା ଚର୍ଚ୍ଚା ମଧ୍ୟ ଏହି ଅସନ୍ତୋଷକୁ ଆହୁରି ତୀବ୍ର କରିଥିଲା। ସବୁଠାରୁ ଅଧିକ ଚର୍ଚ୍ଚିତ ପଦକ୍ଷେପ ଥିଲା ଜଣେ ଆଇଏଏସ୍ ଅଧିକାରୀ ଭାବେ ଚାକିରି ଛାଡ଼ିବା ପରେ ପାଣ୍ଡିଆନ୍‌ଙ୍କ ହେଲିକପ୍ଟର ଯୋଗେ ଜିଲ୍ଲାରୁ ଜିଲ୍ଲାକୁ ଗସ୍ତ। ଏହି ଗସ୍ତ ଓ ସଭାସମିତିର ଶୈଳୀ ତାଙ୍କୁ ଦଳର ଜଣେ ପ୍ରମୁଖ ଚେହେରା କରିଥିଲେ ମଧ୍ୟ ସ୍ଥାନୀୟ ନେତାମାନଙ୍କ ଭୂମିକା ଓ ରାଜନୈତିକ ଗୁରୁତ୍ୱକୁ ନେଇ ପ୍ରଶ୍ନ ସୃଷ୍ଟି କରିଥିଲା। ଦଳୀୟ ସଭାରେ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ଯଥୋଚିତ ଗୁରୁତ୍ୱ ନଦେବା, ଅଲଗା ପେଣ୍ଡାଲରେ ନିଜ ପାଇଁ ଚେୟାର ରଖିବା ଏବଂ ଅନ୍ୟ ନେତାଙ୍କୁ ମଞ୍ଚରେ ସମାନ ସ୍ଥାନ ନ ଦେବା ଭଳି ଘଟଣା ନେଇ ଚର୍ଚ୍ଚା ହୋଇଥିଲା। କେଉଁଠି ଦଳର ନେତାମାନଙ୍କୁ ମଞ୍ଚରେ ଉଚିତ ସମ୍ମାନ ମିଳୁନଥିବା ଅନୁଭବ ହେଉଥିଲା, ତ ଆଉ କେଉଁଠି ସେମାନଙ୍କୁ ସାଧାରଣ ବ୍ୟବସ୍ଥାପନା କାର୍ଯ୍ୟରେ ସୀମିତ ରଖାଯାଉଥିବା ଅଭିଯୋଗ ଶୁଣିବାକୁ ମିଳୁଥିଲା। ଏପରିକି ଅଭିଯୋଗ ଶୁଣାଣି ସମୟରେ ବରିଷ୍ଠ ନେତାମାନେ ମୁଖ୍ୟ ପ୍ରକୋଷ୍ଠ ବାହାରେ ଅପେକ୍ଷା କରୁଥିବା ଚିତ୍ର ମଧ୍ୟ ଦଳୀୟ ସମ୍ପର୍କର ଦୂରତାକୁ ନେଇ ଆଲୋଚନାର କାରଣ ହୋଇଥିଲା। ଏହି ସବୁ ଘଟଣାର ପରିଣାମରେ ଜନମାନସରେ ଏକ ଧାରଣା ସୃଷ୍ଟି ହୋଇଥିଲା ଯେ ନବୀନ ବାବୁଙ୍କ ନିକଟରେ ପ୍ରକୃତ କ୍ଷମତା କାହା ହାତରେ ରହିଛି ? ନବୀନ ପଟ୍ଟନାୟକ ନିଜେ ନିଷ୍ପତ୍ତି ନେଉଛନ୍ତି ନା ଅନ୍ୟ କେହି ତାଙ୍କ ପକ୍ଷରୁ ନିଷ୍ପତ୍ତି ନେଉଛନ୍ତି ? ଏହି ପ୍ରଶ୍ନଗୁଡ଼ିକ ଦଳର ରାଜନୈତିକ ବିଶ୍ୱସନୀୟତାକୁ ପ୍ରଭାବିତ କରିଥିବା ମତ ପ୍ରକାଶ ପାଇଥିଲା। ନିଜ ନିର୍ବାଚିତ ଜନପ୍ରତିନିଧିଙ୍କୁ ଗୁରୁତ୍ୱ ନ ମିଳିବାର ଅନୁଭବ ଭୋଟରଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଥିବା ସମ୍ଭାବନାକୁ ଅଣଦେଖା କରାଯାଇପାରେ ନାହିଁ। ଏହା ହିଁ ବିଜେଡିର ପରାଜୟ ପଛରେ ଥିବା ଅନେକ ଆଲୋଚିତ କାରଣ ମଧ୍ୟରୁ ଗୋଟିଏ ବୋଲି ମତ ରହିଛି। ତେବେ ଏକ ଦୀର୍ଘଦିନର ଶାସକ ଦଳର ପତନକୁ କେବଳ ଜଣେ ବ୍ୟକ୍ତିଙ୍କ ଭୁଲ୍‌ରେ ସୀମିତ ରଖିବା ମଧ୍ୟ ଠିକ୍ ହେବ ନାହିଁ। ନିର୍ବାଚନୀ ଫଳାଫଳ ପଛରେ ଜନମତ, ସଂଗଠନ, ପ୍ରାର୍ଥୀ ଚୟନ, ସ୍ଥାନୀୟ ପ୍ରସଙ୍ଗ ଓ ଅନ୍ୟାନ୍ୟ ରାଜନୈତିକ କାରଣର ଭୂମିକା ରହିଥାଏ।

ସୁଜାତାଙ୍କ ରାଜନୈତିକ ଆଭିମୁଖ୍ୟ, ଏକ ନୂଆ ସଙ୍କେତ ଦେଉଛି। ପାଣ୍ଡିଆନ୍‌ଙ୍କ ରାଜନୈତିକ ଯାତ୍ରାରୁ ଶିକ୍ଷା ନେଇ ସୁଜାତା ରାଉତ କ'ଣ ଏକ ନୂଆ ରାଜନୈତିକ ପଥ ତିଆରି କରିପାରିବେ ? ବିଜେଡିରେ ଯୋଗଦେବା ପରେ ଦଳୀୟ ନେତା ଓ କର୍ମୀଙ୍କ ସହ ସୁଜାତାଙ୍କ ମିଳାମିଶାର ଶୈଳୀ ଆଲୋଚନାର ବିଷୟ ହୋଇଛି। ଶଙ୍ଖ ଭବନରେ ସମସ୍ତଙ୍କ ସହ ମିଶିବା, ବରିଷ୍ଠମାନଙ୍କୁ ନମ୍ରତାର ସହ ପ୍ରଣାମ କରିବା, ସମବୟସ୍କଙ୍କ ସହ ହସି ହସି ହାତ ମିଳାଇବା ଏବଂ ବରିଷ୍ଠ-କନିଷ୍ଠଙ୍କ ସହ ବସି ଆଲୋଚନା କରିବା, ଏହି ଆଚରଣଗୁଡ଼ିକ ତାଙ୍କ ରାଜନୈତିକ ଶୈଳୀର ଏକ ଭିନ୍ନ ଚିତ୍ର ଉପସ୍ଥାପନ କରିଛି। ବିଶେଷକରି ଗଗଉଜ ଆନ୍ଦୋଳନ ସମୟରେ ମଞ୍ଚ ଉପରେ ଦଳୀୟ କର୍ମୀଙ୍କ ସହ କାନ୍ଧରେ କାନ୍ଧ ମିଶାଇ ଠିଆ ହେବା, ହାତରେ ହାତ ମିଶାଇବା ଏବଂ ନିଜ ଭାଷଣ ମାଧ୍ୟମରେ କର୍ମୀମାନଙ୍କ ସହ ଆତ୍ମୀୟତା ସ୍ଥାପନ କରିବାର ଶୈଳୀ ତାଙ୍କ ପ୍ରତି ଏକ ନୂଆ ଆଶା ସୃଷ୍ଟି କରିଥିବା ଦେଖାଯାଉଛି। ରାଜନୀତିରେ କେବଳ ପଦବୀ, ପ୍ରଭାବ କିମ୍ବା କ୍ଷମତା ଯଥେଷ୍ଟ ନୁହେଁ; ମଣିଷ ସହ ମଣିଷର ସମ୍ପର୍କ, ନମ୍ରତା ଓ ସମ୍ମାନ ମଧ୍ୟ ସମାନ ଗୁରୁତ୍ୱ ବହନ କରେ। ଦଳୀୟ କର୍ମୀଙ୍କ ମଧ୍ୟରେ ଏବେ ଏକ ଆଲୋଚନା ଶୁଣିବାକୁ ମିଳୁଛି, ଯଦି ସୁଜାତା ଏହି ଶୈଳୀକୁ ଆଗକୁ ଜାରି ରଖନ୍ତି, ତେବେ ଦଳର ତୃଣମୂଳ ସ୍ତରରେ ନୂଆ ଉତ୍ସାହ ସୃଷ୍ଟି ହୋଇପାରେ। କିନ୍ତୁ ଆରମ୍ଭର ଆତ୍ମୀୟତାକୁ ଦୀର୍ଘକାଳୀନ ସଂଗଠନାତ୍ମକ ପରିବର୍ତ୍ତନରେ ପରିଣତ କରିବା ହିଁ ହେବ ତାଙ୍କ ପାଇଁ ପ୍ରକୃତ ଆହ୍ୱାନ। ଆଗାମୀ ପଞ୍ଚାୟତ ନିର୍ବାଚନ ସୁଜାତାଙ୍କ ରାଜନୈତିକ ଦକ୍ଷତା ଓ ସଂଗଠନକୁ ବୁଝିବାର ଏକ ଗୁରୁତ୍ୱପୂର୍ଣ୍ଣ ଅବସର ହୋଇପାରେ। ଯଦି ସେ ମଞ୍ଚରେ ଏକାକୀ ପ୍ରଭାବ ଦେଖାଇବା ପରିବର୍ତ୍ତେ ସ୍ଥାନୀୟ ନେତା, ପୂର୍ବତନ ଜନପ୍ରତିନିଧି ଓ ତୃଣମୂଳ କର୍ମୀଙ୍କୁ ପାଖରେ ବସାଇ ଯଥୋଚିତ ସମ୍ମାନ ଦିଅନ୍ତି, ସେମାନଙ୍କ ମତାମତ ଶୁଣନ୍ତି ଏବଂ ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ନ୍ତି, ତେବେ ତାହା ଦଳ ପାଇଁ ଏକ ନୂଆ ବାର୍ତ୍ତା ଦେଇପାରିବ। ମଞ୍ଚ ଉପରେ ସ୍ଥାନୀୟ ନେତାଙ୍କ କାନ୍ଧରେ ହାତ ରଖିବା ଖାଲି ଏକ ଫଟୋ ଉଠାଇବାର ଦୃଶ୍ୟ ନୁହେଁ; ଏହା ପଛରେ ଥିବା ମନୋଭାବ ହିଁ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ନିଷ୍ପତ୍ତି ନେବାରେ ଭାଗୀଦାର କରିବା, ଯୋଗ୍ୟତା ଅନୁସାରେ ଦାୟିତ୍ୱ ଦେବା, ପୁରୁଣା କର୍ମୀଙ୍କ ଅବଦାନକୁ ସ୍ୱୀକାର କରିବା ଏବଂ ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱର ସହ ଶୁଣିବା, ଏସବୁ ହିଁ ଏକ ସୁସ୍ଥ ଦଳୀୟ ସଂସ୍କୃତିର ପରିଚୟ। ତେବେ ଏହି ପରିବର୍ତ୍ତନ କେବଳ ମଞ୍ଚ,




*(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)*

## ମୁଖ୍ୟ ସ୍ତମ୍ଭ

# ସମୟ ଓ ସମ୍ପର୍କ ନଷ୍ଟ ନହେଉ



**କୈଳାସ ଚନ୍ଦ୍ର ଶତପଥୀ**

ବୋର୍ଡ଼ ସ୍କୁଲର ଜଣେ ପୁରାତନ ଛାତ୍ର ଭାବେ ନିଜକୁ ମୁଁ ସବୁବେଳେ ଗର୍ବିତ ମନେକରେ। ଏହି ବିଦ୍ୟାଳୟ ମୋତେ ଖାଲି ଶିକ୍ଷା ଦେଇନାହିଁ, ମୋ ଜୀବନର ଅନେକ ସୁନ୍ଦର ସ୍ମୃତି, ବନ୍ଧୁତ୍ୱ ଓ ସମ୍ପର୍କର ମୂଳଦୁଆ ମଧ୍ୟ ଗଢ଼ିଦେଇଛି। ଦୁଇ ବର୍ଷ ପୂର୍ବେ ସେହି ବିଦ୍ୟାଳୟର ପୁରାତନ ଛାତ୍ର ସଂସଦରେ କର୍ମକର୍ତ୍ତା ଭାବେ ନିର୍ବାଚିତ ହେବା ମୋ ପାଇଁ ଏକ ଗର୍ବର ବିଷୟ ଥିଲା। ମନେ ହୋଇଥିଲା, ଯେଉଁ ଅନୁଷ୍ଠାନ ମୋତେ ଏତେ କିଛି ଦେଇଛି, ତା' ପାଇଁ କିଛି କରିବାର ଏକ ସୁଯୋଗ ମୋ ହାତକୁ ଆସିଛି। କିନ୍ତୁ ସମୟ ଗଡ଼ିବା ସହିତ ଅନୁଭବ ମୋତେ ଅନେକ କଥା ଶିଖାଇଛି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଲୋଚନା ରହିବ, ସମାଲୋଚନା ରହିବ, ମତାନ୍ତର ରହିବ, ଏହା ଏକ ସ୍ୱାଭାବିକ କଥା। ମତ ଭିନ୍ନ ହୋଇପାରେ, ଚିନ୍ତାଧାରା ଭିନ୍ନ ହୋଇପାରେ, କାର୍ଯ୍ୟପଦ୍ଧତିକୁ ନେଇ ପ୍ରଶ୍ନ ଉଠିପାରେ। ଏସବୁ ଏକ ସୁସ୍ଥ ସଂଗଠନର ସ୍ୱାଭାବିକ ଅଂଶ। କିନ୍ତୁ ଯେତେବେଳେ ମତାନ୍ତର ବ୍ୟକ୍ତିଗତ ଆକ୍ଷେପ, କୁତ୍ସାରଟନା କିମ୍ବା ସମ୍ପର୍କରେ ଦୂରତାର କାରଣ ହୋଇଯାଏ, ସେତେବେଳେ ମନ ଭିତରୁ ଗୋଟିଏ ପ୍ରଶ୍ନ ଉଠିବା ସ୍ୱାଭାବିକ, ଆମେ କ'ଣ ପାଇଁ ଏସବୁ କରୁଛୁ? ପୁରାତନ ଛାତ୍ର ସଂସଦର କାର୍ଯ୍ୟକଳାପରେ ନିୟମିତ ସମୟ ଦେବା ସହିତ ନିଜର ବ୍ୟକ୍ତିଗତ ଜୀବନ, ବୃତ୍ତି ଓ ପରିବାର ପ୍ରତି ଦାୟିତ୍ୱ ପାଇଁ ସମୟ କମିଯାଏ। ତା'ଠାରୁ ଅଧିକ ବେଦନାଦାୟକ ହେଉଛି, ମତପାର୍ଥକ୍ୟ କିମ୍ବା ସଂଗଠନୀୟ ବିବାଦର ପ୍ରଭାବରେ କେବେ କେବେ ବର୍ଷ ବର୍ଷ ଧରି ଗଢ଼ିଉଠିଥିବା ସମ୍ପର୍କରେ ମଧ୍ୟ ଦୂରତା ସୃଷ୍ଟି ହୋଇଯାଏ।

ଏ ଲେଖାଟି ଲେଖିବା ପଛରେ ସ୍କୁଲର ୧୯୮୯ ବ୍ୟାଚର ଜଣେ ସହପାଠୀ ତଥା ସାନଭାଇ ବିକାଶ ଚନ୍ଦ୍ର ବେହେରାଙ୍କ କଥା ବହୁତ ଗୁରୁତ୍ୱ ବହନ କରେ। କଥା ପ୍ରସଙ୍ଗରେ ସେ ଏଇ କିଛିଦିନ ତଳେ ଏମିତି ଏକ କଥା କହିଲେ, ଯାହା ମୋ ମନକୁ ଗଭୀର ଭାବେ ଛୁଇଁଗଲା। "କୈଳାସ ଭାଇ, ପୁରାତନ ଛାତ୍ର ସଂସଦକୁ ନିର୍ବାଚିତ ହୋଇ ଆପଣ ସମୟ ଓ ସମ୍ପର୍କ ଉଭୟକୁ ହିଁ ନଷ୍ଟ କଲେ।" କଥାଟି ଛୋଟ ଥିଲା, କିନ୍ତୁ ତା' ଭିତରେ ଥିବା ଅନୁଭବ ଥିଲା ବହୁତ ବଡ଼। ହଁ, କିଛି ସମୟ ହୁଏତ ହରାଇଛି। କିଛି ସମ୍ପର୍କରେ ହୁଏତ ଦୂରତା ଆସିଛି। କିଛି ଲୋକଙ୍କ ସହ ମତାନ୍ତର ମଧ୍ୟ ହୋଇଛି। କିନ୍ତୁ ଏହି ସମସ୍ତ ଅନୁଭବ ମୋତେ ଗୋଟିଏ ବଡ଼ ଶିକ୍ଷା ଦେଇଛି, ପଦବୀ କ୍ଷଣିକ, କିନ୍ତୁ ସମ୍ପର୍କ ଦୀର୍ଘସ୍ଥାୟୀ। ନିର୍ବାଚନ ଆସିବ, ଯିବ। କମିଟି ବଦଳିବ। ପଦପଦବୀ ବଦଳିବ। କିନ୍ତୁ ଆମେ ଯେଉଁ ସ୍କୁଲରେ ପଢ଼ିଛୁ, ଯେଉଁ ସ୍ମୃତି ସହିତ ବଢ଼ିଛୁ, ସେହି ସ୍କୁଲ ସହ ଜଡ଼ିତ ଆମର ସମ୍ପର୍କ ଓ ଭାବନା ଅବିଚ୍ଛିନ୍ନ ରହିବା ଦରକାର। ଏକ ପୁରାତନ ଛାତ୍ର ସଂସଦର ସବୁଠାରୁ ବଡ଼ ସଫଳତା କ'ଣ ଖାଲି କେତେଟି କାର୍ଯ୍ୟକ୍ରମ ନା କିଏ କେଉଁ ପଦବୀରେ ରହିଲେ ସେତିକି ମଧ୍ୟରେ ସୀମିତ। ନା ତାହା ଆଦୌ ନୁହେଁ; ବରଂ କେତେ ଲୋକଙ୍କୁ ଏକାଠି ରଖିପାରିଲୁ, କେତେ ସମ୍ପର୍କକୁ ସୁଦୃଢ଼ କରିପାରିଲୁ ଏବଂ ବିଦ୍ୟାଳୟର ଗୌରବକୁ କେତେ ଆଗକୁ ନେଇପାରିଲୁ, ସେକଥା ମୂଲ୍ୟବାନ। ମୋର ସେଥିପାଇଁ ଏବେ ଏକ ସ୍ପଷ୍ଟ ସିଦ୍ଧାନ୍ତ ରହିଛି। ଆଗାମୀ ପୁରାତନ ଛାତ୍ର ସଂସଦ ନିର୍ବାଚନ ପ୍ରକ୍ରିୟାରେ ମୁଁ ଆଉ ଏଥର ଭାଗ ନେବିନି। ଏହା କୌଣସି ଅଭିମାନର ସିଦ୍ଧାନ୍ତ ନୁହେଁ, କାହା ପ୍ରତି ଅସନ୍ତୋଷର ପ୍ରକାଶ ମଧ୍ୟ ନୁହେଁ। ଏହା ମୋ ନିଜ ଅଭିଜ୍ଞତାରୁ ନିଆଯାଇଥିବା ଏକ ବ୍ୟକ୍ତିଗତ ସିଦ୍ଧାନ୍ତ। କାରଣ ଆଉ ଅଧିକ ସମୟ ହରାଇବାକୁ ଚାହେଁନି। ଆଉ କୌଣସି ସମ୍ପର୍କରେ ଅନାବଶ୍ୟକ ଦୂରତା ସୃଷ୍ଟି ହେଉ, ତାହା ମଧ୍ୟ ଚାହେଁନି। ତେବେ ଏହାର ଅର୍ଥ ଏହା ନୁହେଁ ଯେ ବୋର୍ଡ଼ ସ୍କୁଲ ପ୍ରତି ମୋର ଭଲପାଇବା କିମ୍ବା ଦାୟିତ୍ୱବୋଧ କମିଯିବ। ବରଂ ଆଗକୁ ମୋର ଚେଷ୍ଟା ରହିବ, କିପରି ଆମ ଅବଧି ଭଳି ଏକ ସୁନ୍ଦର, ଶୃଙ୍ଖଳିତ, ସମନ୍ୱିତ କାର୍ଯ୍ୟକାରୀ କମିଟି ଗଠନ ହୋଇପାରିବ, ସେଥିପାଇଁ ଯଥାସମ୍ଭବ ସହଯୋଗ କରିବି। ଏବେ ମୁଁ ପଦ ପାଇଁ ନୁହେଁ, ସମ୍ପର୍କ ପାଇଁ ରହିବାକୁ ଚାହେଁ। ବିତର୍କ ପାଇଁ ନୁହେଁ, ବିକାଶ ପାଇଁ ରହିବାକୁ ଚାହେଁ। କାହାକୁ ହରାଇବା ପାଇଁ ନୁହେଁ, ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବାକୁ ଚାହେଁ।

ଜୀବନରେ ଅନେକ ଜିନିଷ ପୁଣିଥରେ ମିଳିପାରେ। ହରାଇଥିବା ଧନ ମିଳିପାରେ, ହରାଇଥିବା ସୁଯୋଗ ମଧ୍ୟ କେବେ କେବେ ଫେରିଆସିପାରେ। କିନ୍ତୁ ହରାଇଥିବା ସମୟ କେବେ ଫେରେନାହିଁ। ଆଉ ଭାଙ୍ଗିଯାଇଥିବା ସମ୍ପର୍କ ପୁଣି ପୂର୍ବପରି ହେବ, ଏହାର ମଧ୍ୟ କୌଣସି ନିଶ୍ଚିତତା ମଧ୍ୟ ନାହିଁ। ତେଣୁ ଏବେ ମୋର ପସନ୍ଦ ସ୍ପଷ୍ଟ। ପଦ ନୁହେଁ, ସମ୍ପର୍କ। ବିବାଦ ନୁହେଁ, ବିକାଶ। ନିର୍ବାଚନ ନୁହେଁ, ନିର୍ମାଣ। ପୁରାତନ ଛାତ୍ର ସଂସଦ ଏକ ପଦର ମଞ୍ଚ ନୁହେଁ, ଏହା ଆମ ସମସ୍ତଙ୍କ ସ୍ମୃତି, ଭାବନା ଓ ସମ୍ପର୍କର ଏକ ସେତୁ। ସେହି ସେତୁ ଉପରେ ମତାନ୍ତର ଥାଇପାରେ, ଆଲୋଚନା ଥାଇପାରେ; କିନ୍ତୁ ସେତୁଟି ଭାଙ୍ଗିଯିବା ଉଚିତ ନୁହେଁ। ଆମେ ଆଜି ଯେଉଁ ପଦରେ ଅଛୁ, ତାହା ଦିନେ ନା ଦିନେ ଶେଷ ହେବ। କିନ୍ତୁ ଆମେ ଯେଉଁ ସ୍କୁଲର ଛାତ୍ର ଥିଲୁ, ସେହି ପରିଚୟ ଆମ ସହ ସାରା ଜୀବନ ରହିବ। ସେଥିପାଇଁ ଆଉ ଗୋଟିଏ ନିର୍ବାଚନ ଜିତିବାଠାରୁ, ଗୋଟିଏ ସମ୍ପର୍କ ବଞ୍ଚାଇବା ମୋ ପାଇଁ ଅଧିକ ମୂଲ୍ୟବାନ। ତେଣୁ ପଦ ପାଇଁ ନୁହେଁ, ସ୍କୁଲ ପାଇଁ ଏକାଠି ହେବାକୁ ପଡିବ, ବିବାଦ ପାଇଁ ନୁହେଁ, ବିକାଶ ପାଇଁ ଏକାଠି ହେବାକୁ ହେବ, ଏବଂ ସବୁଠାରୁ ବଡ଼ କଥା, ଆଉ ସମୟ ଓ ସମ୍ପର୍କକୁ ନଷ୍ଟ କରିବାକୁ ଦିଆଯିବନି।

# ଦେଶର ଭବିଷ୍ୟତ



**ସତ୍ୟ ଦାସ**

ଆମେ ମଣିଷ। ତେଣୁ, ଆମେ ସବୁବେଳେ ନିଜ ନିଜର ବା ନିଜ ପରିବାରର ଭବିଷ୍ୟତ କଥା ଚିନ୍ତା କରିଥାଉ। ପରିବାରକୁ ସୁରକ୍ଷିତ ରଖିବା ପାଇଁ ଟଙ୍କା, ଘର ଓ ଆସବାବପତ୍ର କରିଥାଉ। ସେ ଚାଷୀ-ମୂଲିଆ ହେଉ କି ଦେଶର ସର୍ବୋଚ୍ଚ ପଦରେ ରହିଥିବା ବ୍ୟକ୍ତିବିଶେଷ ହେଉ। ହେଲେ, ଦେଶର ଭବିଷ୍ୟତ କଥା ଚିନ୍ତା କେତେଜଣ କରନ୍ତି...? ଏମିତି ଏକ ସମ୍ବେଦନଶୀଳ ପ୍ରଶ୍ନ ଆସିଲେ, ବୋଧହୁଏ ଜଣେ କେହି ହାତ ଟେକିବେ ନାହିଁ। କାରଣ, ଆମ ପାଖରେ ଦେଶ ବିଷୟରେ ଚିନ୍ତା କରିବା କଥା କେବେ ବି ଆସିନଥାଏ। କେବଳ ମୁଁ, ମୋ' ସ୍ତ୍ରୀ, ମୋ' ପୁଅ, ଝିଅ, ବୋହୂ, ନାତି, ନାତୁଣୀଙ୍କ କଥା ଚିନ୍ତା କରିଥାଉ। ତେଣୁ, ଚାରି-ପାଞ୍ଚ ପିଢ଼ି ପାଇଁ ଏତେ ମାତ୍ରାରେ ଧନ-ସମ୍ପତ୍ତି ରୋଜଗାର କରିବାକୁ ଚେଷ୍ଟା କରିଥାଉ ଯେ, ଦେଶ କଥା ଚିନ୍ତା କରିବା ତା' ଆଗରେ ନଗଣ୍ୟ। ଆମ ଦେଶରେ ଏପରି ଚିନ୍ତାଧାରା ରଖୁଥିବା ବ୍ୟକ୍ତିବିଶେଷ ୧୦୦ରୁ ୯୯ ଜଣ ବାହାରିବେ, ବା ପାଖାପାଖି ୧୦୦ରୁ ଶହେ।



ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ମଧ୍ୟ କିଛି ରାଜା, ଜମିଦାର ଓ ଇଂରାଜମାନଙ୍କ ପାଖରେ ଚାକିରି କରୁଥିବା ଭାରତୀୟ ଏହି ଚିନ୍ତାଧାରା ରଖିଥିଲେ। ଏପରିକି, ସ୍ୱାଧୀନତା ଆନ୍ଦୋଳନକାରୀ ଦଳ ମଧ୍ୟ ନିଜ ଦଳର ସ୍ୱାର୍ଥ ପାଇଁ ପ୍ରକୃତ ଦେଶପ୍ରେମୀମାନଙ୍କୁ କଣ୍ଟା ଭାବି, ନିଜ ରାସ୍ତାରୁ ହଟାଇବାର ଷଡଯନ୍ତ୍ର କରିଥିଲେ। ଏହା ସେହି ରାଜନେତାମାନଙ୍କର ଦେଶପ୍ରେମ ନଥିଲା; କେବଳ ସ୍ୱାଧୀନତାର ପରବର୍ତ୍ତୀ ସମୟରେ କିପରି ରାଜକୀୟ ଜୀବନଯାପନ କରିବେ, ସେଥିପାଇଁ ପ୍ରକୃତ ଲଢୁଆ ଦେଶପ୍ରେମୀମାନଙ୍କୁ ହଟାଇବାର ସୁପରିକଳ୍ପିତ ଯୋଜନା ଥିଲା। ସେତେବେଳର ଅଳ୍ପଶିକ୍ଷିତ ଓ ସରଳ ଭାରତୀୟମାନେ ସେମାନଙ୍କ ଉଦ୍ଦେଶ୍ୟ ନ ବୁଝିପାରିବାଟା ସ୍ୱାଭାବିକ କଥା। ତେଣୁ, ଦେଶକୁ ସ୍ୱାଧୀନ କରିବା ପାଇଁ ନିଜର ଜୀବନ, ଯୌବନ, ଧନ, ଘର ପରିତ୍ୟାଗ କରି, କପଟୀ ନେତାଙ୍କ କଥାରେ ବିଶ୍ୱାସ କରି ସର୍ବସ୍ୱ ହରାଇଦେଇଥିଲେ। ସ୍ୱାଧୀନତାର ପରବର୍ତ୍ତୀ ସମୟରେ ନିଜ ନିଜ ଦଳର ନୀତିକୁ ଆଗକୁ ବଢ଼ାଇ ନେବା ପାଇଁ ରାଜନୈତିକ ସମୀକରଣକୁ ମଧ୍ୟ ବଦଳାଇଦେଇଥିଲେ। ରାଜତନ୍ତ୍ରରୁ ପ୍ରଜାତନ୍ତ୍ରର ପ୍ରକୃତ ରୂପ ନ ଦେଖି, ଅମଲାତନ୍ତ୍ରର ସ୍ରୋତରେ ବାହିନେଇ ଚାଲିଲେ। ଫଳରେ, ସ୍ୱାଧୀନତାର ପ୍ରକୃତ ସ୍ୱାଦ ସାଧାରଣ ଭାରତୀୟଟିଏ ପାଇବାରୁ ବଞ୍ଚିତ ହେଲା। ସବୁକିଛି କାମ ଓ ଶାସନ ରାଜନୈତିକ ସ୍ୱାର୍ଥ ପାଇଁ କରାଗଲା। ଧୀରେ ଧୀରେ ଶାସନ ବ୍ୟବସ୍ଥା ରାଜନେତାମାନଙ୍କ ଇଙ୍ଗିତରେ ଚାଲିଲା। ଆଉ, ସାଧାରଣ ଭାରତୀୟଟିଏ କେବଳ ଭୋଟ ଖଣ୍ଡେ ଦେଇ ନୀରବ ରହିବା ଛଡ଼ା ଅନ୍ୟ ଉପାୟ ନାହିଁ।

ଭୋଟ ପାଇଁ ନିର୍ବାଚିତ ପ୍ରତିନିଧିମାନେ କେବଳ ନିଜର, ନିଜ ପାଖଲୋକଙ୍କର ଓ ନିଜ ନିଜ ଦଳର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶାସନ କଲେ। ଶାସକ ଯେମିତି ହୁଏ, ପ୍ରଶାସନ ମଧ୍ୟ ସେହି ଦିଗରେ ଆଗକୁ ବଢ଼େ। ତେଣୁ, ଜଣେ ସାଧାରଣ ଜନତା ନ୍ୟାୟ ପାଇବାଟା ଦୁର୍ବିଷହ ହୋଇପଡ଼ିଲା। ଆଇନ ବ୍ୟବସ୍ଥା ପ୍ରକୃତ ସତ୍ୟ ଜାଣି ମଧ୍ୟ ସାଧାରଣ ଲୋକଟିକୁ ନ୍ୟାୟ ଦେଇପାରିଲା ନାହିଁ। ଜଟିଳ, କୁଟିଳ ଆଇନ ଓ ନୀତି ପାଇଁ ସହଜରେ ଜଣେ ଅପରାଧୀ ନିର୍ଦ୍ଦୋଷ ସାବ୍ୟସ୍ତ ହେଉଛି ଓ ଜଣେ ନିର୍ଦ୍ଦୋଷୀ ଦଣ୍ଡ ପାଉଛି। ଫଳରେ, ବାହୁବଳୀ, ଗୁଣ୍ଡା, ମାଫିଆ, ଅପରାଧୀମାନେ ନିଜ ନିଜର କଳା ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଛନ୍ତି। ସେମାନଙ୍କ ପଛରେ ରାଜନୈତିକ ପ୍ରୋତ୍ସାହନ ଥିବା ହେତୁ ଓ ଆଇନର ଜଟିଳତା ଭିତର ଦେଇ ନିଜକୁ ନିର୍ଦ୍ଦୋଷୀ ପ୍ରମାଣ କରିବାର ସୁଯୋଗ ହେତୁ ସେମାନେ ଧୀରେ ଧୀରେ ରାଜନୀତି ଭିତରେ ପାଦ ଥାପିଲେ। ଗଣତାନ୍ତ୍ରିକ ନିର୍ବାଚନ ଲଢ଼ି ଶେଷରେ ଅପରାଧୀମାନେ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ଅଖଣ୍ଡ କ୍ଷମତାର ଅଧିକାରୀ ହୋଇଗଲେ। ଅପରାଧୀ ନିଜକୁ ଓ ନିଜ ପରିବାର, ପାଖଲୋକଙ୍କୁ ସୁରକ୍ଷା ଦେବା ପାଇଁ କ୍ଷମତାର ଅପବ୍ୟବହାର ମଧ୍ୟ କଲା।ଫଳରେ, ଆଇନଶୃଙ୍ଖଳା ଓ ଅର୍ଥନୀତି ଉପରେ ଏହାର କୁପ୍ରଭାବ ପଡ଼ିଲା। ନିଜର ଓ ନିଜ ଦଳର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ଆଇନକୁ ଭାଙ୍ଗିରୁଜି ଓ ନିଜକୁ ସୁହାଇଲା ପରି କରିଚାଲିଲା। ଏହାଦ୍ୱାରା କିଛି ଯୋଗ୍ୟ ବ୍ୟକ୍ତିବିଶେଷ ବଞ୍ଚିତ ହେଲେ ଓ କିଛି ଅପରାଧୀକ ତତ୍ତ୍ୱ ନିଜର ସ୍ୱାର୍ଥ ହାସଲ କଲେ। ଅପରାଧୀମାନେ ଶାସନଭାର ସମ୍ଭାଳିବା ଦ୍ୱାରା ଅପରାଧୀକ ତତ୍ତ୍ୱମାନଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବା ସହିତ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେଲା। ହତ୍ୟା, ଧର୍ଷଣ ସହିତ ଲୁଣ୍ଠନ ବଢ଼ିଚାଲିଲା। ରାଜନେତା ଓ ଅପରାଧୀକ ତତ୍ତ୍ୱମାନେ ବେଶ୍ ପ୍ରଭାବଶାଳୀ ହୋଇଉଠିଲେ। ନିଜ ଇଚ୍ଛା ଅନୁଯାୟୀ ଆଇନ ପ୍ରଣୟନ କରିବା ସହିତ ସାଧାରଣ ଜନତାଙ୍କ ଚିନ୍ତା ବା ଦେଶର ଚିନ୍ତାକୁ ମନରୁ ବାହାର କରି ଫିଙ୍ଗି ଦେଲେ। କିଏ କେତେ ବଡ଼ ହୋଇପାରିବ ଓ କେତେ ନିଜର ସ୍ୱାର୍ଥସାଧନ କରିପାରିବ, ଏହି ପ୍ରତିଯୋଗିତାର ଦୌଡ଼ରେ ଭାରତରେ ପ୍ରତ୍ୟେକ ବ୍ୟକ୍ତି ବ୍ୟସ୍ତ ରହି ଦେଶର ଚିନ୍ତାକୁ ମନରୁ ବାହାର କରିସାରିଛନ୍ତି। ନେତା, ମନ୍ତ୍ରୀ, ଅମଲା, ପ୍ରଶାସନ, ନ୍ୟାୟ ବ୍ୟବସ୍ଥା, ଏବେ ଟଙ୍କା ଓ ସମ୍ପତ୍ତିର ମହାମେରୁ ପାଲଟିଯାଇଛନ୍ତି ସତ; ହେଲେ ସେମାନେ କେବେ ଚିନ୍ତା କରିନାହାନ୍ତି କି, ଦେଶ ରହିଲେ, ସେମାନେ ରହିବେ। ଦେଶ ଭାସିଗଲେ, ସେମାନେ ମଧ୍ୟ ଭାସିଯିବେ। ଅତିଷ୍ଠ ଜନତା ସ୍ୱର ଉତ୍ତୋଳନ କରିବାକୁ ଅସୁରକ୍ଷିତ ମଣି ନୀରବ। ବୁଦ୍ଧିଜୀବୀମାନେ ଏବେ ଦୁର୍ବୁଦ୍ଧିର ଶିକାର ହୋଇ, 'ବର୍ଷା ଯୁଆଡ଼େ, ଛତା ସିଆଡ଼େ' ନୀତିରେ ରହିଛନ୍ତି। ଗଣତନ୍ତ୍ରର ଚାରୋଟି ଖମ୍ବ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଖମ୍ବ ଭାଙ୍ଗିଗଲେ, ଆମ ମୁଣ୍ଡ ଉପରେ ଥିବା ସ୍ୱାଧୀନତାର ଛାତଟା କେଉଁଦିନ ନିଶ୍ଚିତ ଭୁଶୁଡ଼ି ପଡ଼ିବ। ଓ ଭାରତ ପୁଣି ଥରେ ପରାଧୀନ ହେବ। ଏବେ, ସମୟ ଥାଉ ଥାଉ ପ୍ରତ୍ୟେକ ଭାରତୀୟ ଚିନ୍ତା କରିବା ଉଚିତ। "ଆପେ ବଞ୍ଚିଲେ, ବାପର ନାଁ" ଚିନ୍ତାକୁ ମନରୁ କାଢ଼ି, ଥରେ ନିରୋଳାରେ ବସି ଭାବନ୍ତୁ... "ଆମ ଦେଶର ଭବିଷ୍ୟତ କ'ଣ?"

*ବକ୍ସି ବଜାର, କଟକ-୧*
*ମୋବାଇଲ: ୯୮୬୧୦୬୩୭୯୦*

# ସମ୍ ହସ୍ପିଟାଲ୍ ପକ୍ଷରୁ ପେଟ ଓ ଅନ୍ତନଳୀ ସମସ୍ୟାକୁ ନେଇ ସିଏମ୍ଇ ଆୟୋଜିତ



**ଭୁବନେଶ୍ୱର (ଭିଓଭି) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ପେଟ ଓ ଅନ୍ତନଳୀର ସମସ୍ୟା ସମ୍ପର୍କିତ ଏକ ସିଏମ୍ଇ ଆୟୋଜିତ ହୋଇଯାଇଛି। ହସ୍ପିଟାଲ୍‌ର ଆନାଟୋମି ବିଭାଗ ଓ ଆନାଟୋମିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ (ଏଏସ୍ଆଇ) ଓଡିଶା ରାଜ୍ୟ ଶାଖାର ମିଳିତ ଆନୁକୂଲ୍ୟରେ ଶନିବାର ଏହି ସିଏମ୍ଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ୍ କଲେଜରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଆନାଟୋମି ବିଭାଗର ଫ୍ୟାକଲ୍ଟି, ପିଜି ଛାତ୍ରଛାତ୍ରୀ, ଗବେଷକ ଓ ଡାକ୍ତର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ -୧ ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଏଭଳି ସିଏମ୍ଇ ପ୍ରୋଗ୍ରାମ୍ ଦ୍ୱାରା ଡାକ୍ତରୀ ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ମେମ୍ବର ଓ ଡାକ୍ତର ବେଶ୍ ଉପକୃତ ହେବେ।

ବର୍ତ୍ତମାନ ସମୟରେ ଯୁବପିଢି ନୁହଁନ୍ତି ବରଂ ସବୁ ବର୍ଗର ଲୋକମାନଙ୍କ ମଧ୍ୟରେ ପେଟ ଓ ଅନ୍ତନଳୀର ସମସ୍ୟା ବହୁମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ଏହାର ବିଭିନ୍ନ ଲକ୍ଷଣ ଜାଣିବା ସହିତ କିପରି ଭାବରେ ଏହାକୁ ଚିକିତ୍ସା କରାଯାଇପାରିବ ସେ ନେଇ ପ୍ରଫେସର (ଡାକ୍ତର) ମିଶ୍ର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ୍-୧ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକମାନଙ୍କୁ ଏହି ରୋଗ ସମ୍ପର୍କରେ କିପରି ସଚେତନତା କରାଇବା ଓ ଉନ୍ନତମାନର ଚିକିତ୍ସା କ୍ଷେତ୍ରରେ ଜ୍ଞାନକୌଶଳକୁ ପ୍ରୟୋଗ କରି ସେମାନଙ୍କୁ ସେବା ପ୍ରଦାନ କରାଯାଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ସେହିପରି ଆନାଟୋମିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ (ଏଏସ୍ଆଇ) ଓଡିଶା ରାଜ୍ୟ ଶାଖାର ସଭାପତି ଅନ୍ୟତମ ଅତିଥି ଭାବେ ପ୍ରଫେସର (ଡାକ୍ତର) ସନ୍ତୋଷ କୁମାର ସାହୁ ଏବଂ ସଚିବ ଡାକ୍ତର ମନୋଜ କୁମାର ଦେହୁରୀ ଏହି ଦିବସର 'ଗଟ୍ ଟୁ ମାଇଣ୍ଡ ଆଣ୍ଡ ଇରିଟେବଲ୍ ବାୱେଲ୍ ସିଣ୍ଡ୍ରୋମ୍' (ଆଇବିଏସ୍) ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ ଏହାର ଲକ୍ଷଣ ସହ ଏହା ସହିତ ସଂପୃକ୍ତ ବିଭିନ୍ନ ବିଷୟବସ୍ତୁକୁ ନେଇ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ଏହା ସାଧାରଣ ପାଚନତନ୍ତ୍ର ସଂପର୍କିତ ସମସ୍ୟା। ଏଥିରେ ପେଟ ଯନ୍ତ୍ରଣା, ଦୈନନ୍ଦିନ ଜୀବନରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ବି ଏଥିରେ ଜଡିତ ହୋଇଥାଏ। ଏହାକୁ ଦୂରେଇବାକୁ ହେଲେ ପ୍ରତିଦିନ ବ୍ୟାୟାମ କରିବା ମାନସିକ, ଶାରୀରିକ ସ୍ତରରେ ନିଜକୁ କିପରି ସୁସ୍ଥ ରଖିବ ସେ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଯୋଗ ଦେଇଥିବା ଆନାଟୋମି ବିଭାଗର ସିନିୟର ପ୍ରଫେସର ଓ ଡାକ୍ତରମାନଙ୍କୁ ସମ୍ମାନିତ କରାଯାଇଥିଲା। ଆନାଟୋମି ବିଭାଗର ମୁଖ୍ୟ ତଥା ଏହି କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର (ଡାକ୍ତର) ସୀତାଂଶୁ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ 'ଗଟ୍ ଟୁ ମାଇଣ୍ଡ' ଆଣ୍ଡ ଇରିଟେବଲ୍ ବାଉଲ୍ ସିଣ୍ଡ୍ରୋମ୍ ପ୍ରସଙ୍ଗ ବିଷୟବସ୍ତୁ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିବାବେଳେ ପ୍ରଫେସର (ଡାକ୍ତର) ସୌମ୍ୟ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ବୈଜ୍ଞାନିକ ଆଲୋଚନା ଚକ୍ର, ପିଜି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ବିଭିନ୍ନ ବିଭାଗର ପ୍ରଫେସର, ଫ୍ୟାକଲ୍ଟି, ଡାକ୍ତର ଓ ପିଜି ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।



# ୮ ଅକ୍ଟୋବର ଓଡ଼ିଶା ବନ୍ଦ ପାଇଁ ରଣପୁରରେ ଇଣ୍ଡିଆ ମେଣ୍ଟର ପ୍ରସ୍ତୁତି ବୈଠକ

**ରଣପୁର (ଭିଓଭି) :** ଇଣ୍ଡିଆ ମେଣ୍ଟ ପକ୍ଷରୁ ୮ ଅକ୍ଟୋବର ଓଡ଼ିଶା ବନ୍ଦକୁ ସଫଳ କରିବା ନିମନ୍ତେ ରଣପୁର ଗୋଡି ପାଟଣା ସାହି ସ୍ଥିତ ଶହୀଦ ରଘୁ ଦିବାକର ଭବନ ଠାରେ ଏକ ପ୍ରସ୍ତୁତି ବୈଠକ କଂଗ୍ରେସ ନେତା ଶତ୍ରୁଘ୍ନ ପାଇକରାୟ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବନ୍ଦର ବିଭିନ୍ନ ଦାବି ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ବୈଠକରେ ନିମ୍ନଲିଖିତ ଦାବିଗୁଡ଼ିକ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା-

୧. ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ତୁରନ୍ତ ଇସ୍ତଫା ଦାବି।

୨. ଏମ୍ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର କରିବା।

୩. ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟି ପାଇଁ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି।

୪. ବନ୍ୟା କ୍ଷତିଗ୍ରସ୍ତ ଲୋକମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ।

୮ ଅକ୍ଟୋବର ବନ୍ଦକୁ ସଫଳ କରିବା ପାଇଁ ଆଜି ଠାରୁ ଆସନ୍ତା ୮ ଅକ୍ଟୋବର ପର୍ଯ୍ୟନ୍ତ ଗଣତନ୍ତ୍ର ରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ସଙ୍ଗଠିତ କରିବା ମଧ୍ୟରେ ୬ ଅକ୍ଟୋବର ସୁନାଖଳା ରୁ ଚାନ୍ଦପୁର ମଟର ସାଇକେଲ ଶୋଭାଯାତ୍ରା,୭ ଅକ୍ଟୋବର ମାଇକି ପ୍ରଚାର ଓ ସନ୍ଧ୍ୟାରେ ରଣପୁର ରେ ମସାଲ ଶୋଭାଯାତ୍ରା ମାନ ସଙ୍ଗଠିତ କରିବା ପାଇଁ ନିଷ୍ପତ୍ତି କରାଯାଇଛି। ୮ ଅକ୍ଟୋବର ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ କେନ୍ଦ୍ରୀୟ ଭାବେ ରଣପୁର ସମେତ ସୁନାଖଳା ଓ ଚାନ୍ଦପୁର ଠାରେ ଓଡ଼ିଶା ବନ୍ଦ କାର୍ଯ୍ୟ କ୍ରମ ସଙ୍ଗଠିତ କରାଯିବ। ସକାଳ ୬ ଟା ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ସାଧାରଣ ସେବାକୁ ଛାଡ଼ି ଆଉ ସମସ୍ତ ସରକାରୀ ଅଫିସ, ଗାଡିମଟର, ରାସ୍ତା ଘାଟ ଓ ବଜାର ଆଦି ବନ୍ଦ କରାଯିବ। ବୈଠକରେ ସିପିଆଇ(ଏମ୍) ପକ୍ଷରୁ ଜିଲ୍ଲା ସଂଯୋଜକ ନିତ୍ୟାନନ୍ଦ ପରିଡ଼ା,ନୟାଗଡ଼ ଆଞ୍ଚଳିକ କମିଟି ସମ୍ପାଦକ ଦୁଃଶାସନ ଜେନା, ଶ୍ରମିକ ନେତା ସୁରେଶ ସ୍ୱାଇଁ,କଂଗ୍ରେସର ପ୍ରଭାତ ଦଳେଇ,ଧ୍ରୁବ ଚରଣ ପରିଡ଼ା, ଅନିଲ୍ ପରିଡ଼ା, ପ୍ରଭାତ ପ୍ରଧାନ, ସବ୍ୟସାଚୀ ସେନାପତି, କୁଳମଣି ପଲେଇ, ନୀଳାଦ୍ରି ସୁବୁଦ୍ଧି ଓ ଗଦାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଉପସ୍ଥିତ ନେତାମାନେ ୮ ଅକ୍ଟୋବର ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ତୃଣମୂଳସ୍ତରରେ ବ୍ୟାପକ ପ୍ରଚାର ପତ୍ର ବଣ୍ଟନ ଓ ଜନସମ୍ପର୍କ ଅଭିଯାନ କରିବାକୁ ଆହ୍ୱାନ ଦେଇଥିଲା ବେଳେ ଇଣ୍ଡିଆ ବ୍ଲକ ତରଫରୁ ରଣପୁର ଜନଗଣ ଙ୍କୁ ନିବେଦନ କରାଯାଇଛି।

# ସମ୍ବଲପୁର ଗସ୍ତରେ ପୁରୀ ଜୁଡୋ ଦଳ




**ପୁରୀ (ଭିଓଭି):** ସମ୍ବଲପୁର ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ଜୁଡୋ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ଲାଗି ସ୍ଥାନୀୟ ସର୍ବୋଦୟ ନଗର ସ୍ଥିତ ସନ୍ତୋଷୀ ଇଂଲିସ୍ ମିଡ଼ିଅମ ସ୍କୁଲର ଜୁଡୋକାମାନେ ଗୁରୁବାର ଦିନ ଜୁଡୋ କୋଚ ସରୋଜ କୁମାର ନାୟକ, ଟିମ ମ୍ୟାନେଜର ଏଲୋରା ବଳିଆର ସିଂ ଏବଂ ପୁରୀ ଜିଲ୍ଲା ଜୁଡୋ ଆସୋସିଏସନ ର ଅନ୍ୟ କର୍ମକର୍ତ୍ତା ମାନଙ୍କ ଗହଣରେ ସମ୍ବଲପୁର ଗସ୍ତ କରିଛନ୍ତି। ଏହି ପ୍ରତିଯୋଗିତା ଅକ୍ଟୋବର ୨ ରୁ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସନ୍ତୋଷୀ ଇଂଲିଶ ମିଡ଼ିଅମ ସ୍କୁଲରୁ ଅଂଶଗ୍ରହଣ କରିଥିବା ଜୁଡୋକା ମାନଙ୍କ ମଧ୍ୟରେ ସୋନାକ୍ଷୀ ଶ୍ୱେତାଲୀନା, ନର୍ମଦା ଛୋଟରାୟ , ଋତୁପର୍ଣ୍ଣା କର , ଯଶଶ୍ରୀ ପ୍ରିୟଦର୍ଶିନୀ , ସସ୍ମିତା ମାରାଣ୍ଡି, ସାଇ ଶାଶ୍ୱତ ନାୟକ, ବିଷ୍ଣୁ ଛୋଟରାୟ, ସାଇ ପ୍ରସାଦ ସାହୁ ଏବଂ ଏନ ଧନୁଶ୍ରୀ ପ୍ରମୁଖ ଦଳ ସହିତ ଯାତ୍ରା କରିଛନ୍ତି। ପୁରୀ ସହରର ଅନେକ କ୍ରୀଡ଼ାବିତ୍, ବୁଦ୍ଧିଜୀବୀ ଏବଂ ଅଭିଭାବକ ମାନେ ସେମାନଙ୍କର ସଫଳତା କାମନା କରିଛନ୍ତି।

# ଗାନ୍ଧୀ ଜୟନ୍ତୀରେ ବିଶ୍ୱଶାନ୍ତି ଯଜ୍ଞ

**କଟକ (ଭିଓଭି) :** ପତଞ୍ଜଳି ଯୋଗପୀଠ ପକ୍ଷରୁ ନୂଆବଜାର ଗାନ୍ଧିପଲ୍ଲୀ ସ୍ଥିତ ଯାଚକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗାନ୍ଧୀ ଜୟନ୍ତୀ ଅବସରରେ ସାମୁହିକ ବୈଦିକ ଯଜ୍ଞ



ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଯୋଗ ଶିକ୍ଷକ ସତ୍ୟ ରଞ୍ଜନ ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ କୁମାର ଦାଶ, ଉପେନ୍ଦ୍ର ଜେନା, ରାମଚନ୍ଦ୍ର ସାହୁ, ସାଧୁଚରଣ ସ୍ୱାଇଁ, କୁରେଶ ପାତ୍ର, ଜୟନ୍ତ ପୃଷ୍ଟି, ମାନସ ଦାସ, ଲକ୍ଷ୍ମଣ କରଣ, ପୂର୍ଣ୍ଣଚନ୍ଦ୍ର ବେହେରା, ବାଞ୍ଛାନିଧି ହୋତା, ହୃଷିକେଶ ସାହୁ, କବିତା କରଣ, ତପସ୍ୱିନୀ ମହାନ୍ତି, ଆରତୀ ଜେନା, ଗୀତାଞ୍ଜଳି ଦାସ, ଝୁନାରାଣୀ ବେହେରା, ମୋନାଲିସା ଦାଶ, ଭାରତୀ ନାୟକ, ପ୍ରତିମା ମିଶ୍ର, କବିତା ରାଉଳ, ରଶ୍ମିତା ଦଳାଇ, ପ୍ରଭାସିନୀ ନାୟକ, ଗୀତାଞ୍ଜଳି ସାହୁ, ନିର୍ମଳା ଚୌଧୁରୀ, ବିମଳା ପାଣିଗ୍ରାହୀ, ଅଳକା ନାୟକ, ଦେବଯାନୀ ପ୍ରଧାନ, ଦୀପ୍ତି ସ୍ୱାଇଁ, ପୁଷ୍ପିତା ମିଶ୍ର, ଅମିତା ପୃଷ୍ଟି, ସବିତା ଦାସ, ମମତା ସାହୁ, କଳ୍ପଲତା ଷଡ଼ଙ୍ଗୀ, ସ୍ମୃତିସ୍ନିଗ୍ଧା ମହାପାତ୍ର, ବିଦ୍ୟୁତଲତା ରାୟ, ପ୍ରମିଳା ବସ୍ତିଆ, ଓ ସସ୍ମିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଜଗନ୍ନାଥ ଅଷ୍ଟକମ୍, ଗୀତା ଓ ଭାଗବତ ପାଠ ହେବା ସହ ହରିଦ୍ୱାରରୁ ଯୋଗ ପ୍ରଶିକ୍ଷଣ ନେଇ ଫେରିଥିବା ପତିତପାବନ ରାମ ଓ ରମେଶ ନାରାୟଣ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ କୋଷାଧ୍ୟକ୍ଷ ଅର୍ଜୁନ କୁମାର ମହାନ୍ତି ଓ ଅଭୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂପାଦକୀୟ

# ଜାଲ ବାଜିଲେ ମାଛ, ମଣିଷ ଗନ୍ଧ ବାଜିଲେ ଧାନ !

ଚାଷବାସର ସମୟ। ଚାଷର ସଫଳତା ଓ ଉନ୍ନତ ଅମଳକୁ ନେଇ ଚାଷୀଠାରୁ ଆରମ୍ଭ କରି କୃଷି ବିଶେଷଜ୍ଞଙ୍କ ପର୍ଯ୍ୟନ୍ତ ସବୁଠି ଚାଲିଛି ନାନା ଆଲୋଚନା ଓ ପର୍ଯ୍ୟାଲୋଚନା। କେଉଁଠି ମୌସୁମୀ ବର୍ଷାର ଅନିୟମିତତା ଚିନ୍ତାର କାରଣ ହୋଇଛି ତ, ଆଉ କେଉଁଠି ଅତ୍ୟଧିକ ବର୍ଷା ପାଇଁ ଫସଲ ନଷ୍ଟ ହେବାର ଆଶଙ୍କା। ପୁଣି ଆଗକୁ ମରୁଡ଼ିର ସମ୍ଭାବନା, ସାରର ଅଭାବ ଓ କଳାବଜାରୀ, ସରକାରୀ ଏବଂ ବେସରକାରୀ ବିହନର ଗୁଣବତ୍ତା, ଧାନ ରୁଆଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ଆଧୁନିକ ଜ୍ଞାନକୌଶଳ ଓ ଯନ୍ତ୍ରପାତିର ପ୍ରୟୋଗ, ଏମିତି ଅନେକ ବିଷୟକୁ ନେଇ ଚାଲିଛି ହିସାବନିକାଶ। ଏସବୁ ଆଲୋଚନା ଭିତରେ ହଠାତ୍ ମନେ ପଡ଼ିଗଲା ପିଲାଦିନେ ବୁଢ଼ୀମାଆଠାରୁ ଶୁଣିଥିବା ସେହି ପୁରୁଣା କଥାଟି, "ଜାଲ ବାଜିଲେ ମାଛ ବଢ଼େ, ମଣିଷ ଗନ୍ଧ ବାଜିଲେ ଧାନ ବଢ଼େ।" ପିଲାଦିନେ କଥାଟିର ଅର୍ଥ ବୁଝିବା ସହଜ ନଥିଲା। ହେଲେ ବୟସ ବଢ଼ିବା ସହିତ ଗାଁ ମାଟିର ଅନୁଭୂତି ଓ ଚାଷବାସର ଧାରାକୁ ଦେଖିବା ପରେ ଏହା ପଛରେ ଥିବା ମର୍ମଟି ଧୀରେ ଧୀରେ ସ୍ପଷ୍ଟ ହୋଇଛି। ଏହା ଖାଲି ଏକ ଲୋକକଥା ନୁହେଁ; ଏହା ହେଉଛି ପ୍ରକୃତି ସହ ମଣିଷର ନିବିଡ଼ ସମ୍ପର୍କ ଓ ଯତ୍ନର ମହତ୍ତ୍ୱକୁ ବୁଝାଇଦେଉଥିବା ଏକ ଗ୍ରାମ୍ୟ ଅନୁଭବ।

ଦିନ ଥିଲା, ଯେତେବେଳେ ଚାଷ ଖାଲି ଯନ୍ତ୍ରପାତି ଓ ସାର ପିଡ଼ିଆ ଉପରେ ନିର୍ଭରଶୀଳ ନଥିଲା। ଚାଷୀର ଝାଳ, ଶ୍ରମ ଓ ନିୟମିତ ଯତ୍ନ ହିଁ ଥିଲା ଚାଷର ପ୍ରକୃତ ସମ୍ପଦ। ବିଲରେ ଧାନ ବୁଣାଯିବା ବା ତଳି ରୁଆଯିବା ପରେ ଆରମ୍ଭ ହେଉଥିଲା ତାକୁ ବଢ଼ାଇବାର ଅସଲ ପରିଶ୍ରମ। ବେଉଷଣ କରିବା, ଖେଳୁଆ ପକାଇବା, ଅନାବନା ଘାସ ଓ ବାଲୁଙ୍ଗା ବାଛିବା ପାଇଁ ଚାଷୀକୁ ବାରମ୍ବାର ବିଲ ଭିତରକୁ ପଶିବାକୁ ପଡୁଥିଲା। ଧାନ ଗଛ ଭିତରେ ଘଣ୍ଟା ଘଣ୍ଟା ଧରି କାମ କରିବାକୁ ପଡୁଥିଲା। ଗଛର ଅବସ୍ଥା ଦେଖିବା, ଅନାବନା ଗଛ ସଫା କରିବା ଓ ତାକୁ ବଢ଼ିବା ପାଇଁ ଉପଯୁକ୍ତ ପରିବେଶ ଦେବା, ଏସବୁ ଥିଲା ଚାଷୀର ଦୈନନ୍ଦିନ କାମ। ବିଲ ଭିତରେ ମଣିଷର ଯିବାଆସିବା ଓ ନିୟମିତ ଯତ୍ନ ଯୋଗୁଁ ଧାନ ଗଛ ଭଲ ଭାବରେ ବଢ଼ିବାର ସୁଯୋଗ ପାଉଥିଲା। ତେଣୁ ବୁଢ଼ୀମାଆ କହୁଥିବା "ମଣିଷ ଗନ୍ଧ ବାଜିଲେ ଧାନ ବଢ଼େ" କଥାଟିର ପ୍ରକୃତ ଅର୍ଥ ହେଉଛି, ଧାନ ଗଛର ବୃଦ୍ଧି ପାଇଁ ମଣିଷର ଯତ୍ନ, ପରିଶ୍ରମ ଓ ନିୟମିତ ତଦାରଖ ଅତ୍ୟନ୍ତ ଆବଶ୍ୟକ। ଖାଲି ମଣିଷର ଗନ୍ଧରେ ଧାନ ବଢ଼ିଯାଏ ନାହିଁ; ଗନ୍ଧ ପଛରେ ଲୁଚି ରହିଥାଏ ଚାଷୀର ଅକ୍ଲାନ୍ତ ପରିଶ୍ରମ। ହେଲେ ଆଜି ସମୟ ବଦଳିଯାଇଛି। ଆଧୁନିକ କୃଷି ପଦ୍ଧତିରେ ଅନେକ ସ୍ଥାନରେ ଧାନ ତଳି ରୁଆଯିବାଠାରୁ ଆରମ୍ଭ କରି ଘାସ ବଛା ଓ ଅନ୍ୟାନ୍ୟ କାମ ପର୍ଯ୍ୟନ୍ତ ଯନ୍ତ୍ରପାତିର ବ୍ୟବହାର ବଢ଼ିଛି। ଏହା ଚାଷୀର ଶ୍ରମ ଓ ସମୟ ବଞ୍ଚାଉଛି, ଯାହା ନିଶ୍ଚିତ ଭାବେ ଏକ ସକାରାତ୍ମକ ପରିବର୍ତ୍ତନ। କିନ୍ତୁ ଏହି ପରିବର୍ତ୍ତନ ଭିତରେ ପାରମ୍ପରିକ ଚାଷ ପଦ୍ଧତିର ସେହି ନିବିଡ଼ ସମ୍ପର୍କ ଓ ନିୟମିତ ଯତ୍ନର ଚିତ୍ରଟି ଧୀରେ ଧୀରେ ଅଦୃଶ୍ୟ ହେବାକୁ ଲାଗିଛି। ଆଜି ଧାନ ଗଛକୁ ମଣିଷର ଗନ୍ଧ ଅପେକ୍ଷା ଯନ୍ତ୍ରପାତି, ସାର ଓ ଅନ୍ୟାନ୍ୟ କୃଷି ଉପକରଣର ସ୍ପର୍ଶ ଅଧିକ ମିଳୁଛି ବୋଲି କହିଲେ ଅତିଶୟୋକ୍ତି ହେବ ନାହିଁ। ହେଲେ ଏଠାରେ ପ୍ରଶ୍ନ ଉଠେ, ଆଧୁନିକତା ଆମକୁ ସୁବିଧା ଦେଇଛି ସତ, କିନ୍ତୁ ଚାଷ ଓ ପ୍ରକୃତି ମଧ୍ୟରେ ଥିବା ଆତ୍ମୀୟତାକୁ ଆମେ କେଉଁଠି ହରାଇ ଦେଉନାହୁଁ ତ ?

ଧାନ ଚାଷ ଭଳି ମାଛ ଚାଷକୁ ନେଇ ମଧ୍ୟ ଆମ ଗାଁଗହଳରେ ଏକ ପାରମ୍ପରିକ ଅନୁଭବ ରହିଛି। ପୋଖରୀରେ ମାଛ ଯାଆଁଳ ଛାଡ଼ିବା ପରେ ସେଗୁଡ଼ିକ ବଢ଼ିବାକୁ ଲାଗିଲେ, ମାଛ ଚାଷୀମାନେ ବେଳେବେଳେ ଲମ୍ବା ଜାଲ ନେଇ ପୋଖରୀ ଭିତରେ ଜାଲ ଚଳାଉଥିଲେ। ଜାଲର ସ୍ପର୍ଶ ଓ ପାଣିର ଚଳପ୍ରଚଳରେ ମାଛଗୁଡ଼ିକ ସତର୍କ ହୋଇ ଏପଟସେପଟ ଦୌଡ଼ିବାକୁ ଲାଗୁଥିଲେ। ଏହି ଅନୁଭବରୁ ପୁରୁଣା ଲୋକେ କହୁଥିଲେ, "ଜାଲ ବାଜିଲେ ମାଛ ବଢ଼େ।" ତେବେ ମାଛର ବୃଦ୍ଧି ଖାଲି ଜାଲର ସ୍ପର୍ଶ ଉପରେ ନିର୍ଭର କରେ ନାହିଁ। ଉପଯୁକ୍ତ ଖାଦ୍ୟ, ପାଣିର ଗୁଣବତ୍ତା, ଅମ୍ଳଜାନ ଓ ଯତ୍ନ ହିଁ ମାଛର ସୁସ୍ଥ ବୃଦ୍ଧିର ମୁଖ୍ୟ ଆଧାର। ଜାଲ ଚଳାଇବା ଭଳି ପାରମ୍ପରିକ ଅଭ୍ୟାସର ଉପଯୋଗିତା ମଧ୍ୟ ପରିସ୍ଥିତି ଉପରେ ନିର୍ଭର କରେ। ଆଜି ଅନେକ ସ୍ଥାନରେ ମାଛ ଚାଷରେ ଆଧୁନିକ ପଦ୍ଧତି ସହ ପାରମ୍ପରିକ ଅନୁଭବର ମଧ୍ୟ ଉପଯୋଗ କରାଯାଉଛି। ଅର୍ଥାତ୍, ପୁରୁଣା ଜ୍ଞାନକୁ ସମ୍ପୂର୍ଣ୍ଣ ଅବହେଳା ନକରି ତାହାକୁ ବିଜ୍ଞାନସମ୍ମତ ପଦ୍ଧତି ସହ ମିଶାଇବାର ଆବଶ୍ୟକତା ରହିଛି।

ପ୍ରକୃତି ଓ ମଣିଷର ସମ୍ପର୍କ କେବଳ ଚାଷବାସରେ ସୀମିତ ନୁହେଁ। ଏହା ଜୀବଜଗତର ପ୍ରତ୍ୟେକ ସ୍ତରରେ ପରିବ୍ୟାପ୍ତ। ଆମେ ଯେତେବେଳେ ପ୍ରକୃତିର ନିୟମକୁ ନବୁଝି ନିଜ ସୁବିଧା ପାଇଁ ତାକୁ ବଦଳାଇବାକୁ ଚେଷ୍ଟା କରୁ, ସେତେବେଳେ ତାହାର ପ୍ରଭାବ କେବଳ ମଣିଷ ଉପରେ ନୁହେଁ, ସମଗ୍ର ଜୀବଜଗତ ଉପରେ ପଡ଼ିଥାଏ। ହାତୀ ଛୁଆ ଓ ମାଆ ହାତୀର ସମ୍ପର୍କକୁ ନେଇ ମଧ୍ୟ ଅନେକ କଥା ଶୁଣିବାକୁ ମିଳେ। ମଣିଷର ସ୍ପର୍ଶ ଯୋଗୁଁ ମାଆ ହାତୀ ନିଜ ଛୁଆକୁ ପରିତ୍ୟାଗ କରିଦିଏ ବୋଲି ଏକ ଧାରଣା ପ୍ରଚଳିତ ଅଛି; ହେଲେ ଏହା ସବୁ କ୍ଷେତ୍ରରେ ସତ୍ୟ ନୁହେଁ। ବନ୍ୟଜନ୍ତୁଙ୍କ ଆଚରଣ ଜଟିଳ, ଏବଂ ସେମାନଙ୍କ ପ୍ରତି ମଣିଷର ହସ୍ତକ୍ଷେପ ବିପଜ୍ଜନକ ହୋଇପାରେ। ତେଣୁ ବନ୍ୟଜନ୍ତୁଙ୍କୁ ଅଯଥା ସ୍ପର୍ଶ ନକରିବା ଓ ସେମାନଙ୍କ ସ୍ୱାଭାବିକ ପରିବେଶକୁ ସୁରକ୍ଷିତ ରଖିବା ଆମର ଦାୟିତ୍ୱ। ପ୍ରକୃତି ଆମର ମାଆ। ତାହାର କୋଳରେ ଆମେ ଜନ୍ମ ନେଉ, ବଢୁ ଓ ବଞ୍ଚିବା ପାଇଁ ଆବଶ୍ୟକ ସମସ୍ତ ସମ୍ବଳ ପାଉ। ହେଲେ ଆଧୁନିକତାର ମୋହରେ ଆମେ ଯଦି ତାହାର ସମ୍ପଦକୁ ଅବିଚାରିତ ଭାବେ ଶୋଷଣ କରିଚାଲିବା, ତେବେ ଏହାର ପରିଣାମ ଦିନେ ଆମକୁ ହିଁ ଭୋଗିବାକୁ ପଡ଼ିବ। ବୁଢ଼ୀମାଆର ସେହି ସରଳ ଲୋକକଥା ଆଜି ମୋତେ ଏକ ବଡ଼ ଶିକ୍ଷା ଦେଉଛି, ପ୍ରକୃତିର ପ୍ରତ୍ୟେକ ସୃଷ୍ଟି ଯତ୍ନ ଓ ସୁରକ୍ଷା ଲୋଡ଼େ। ଧାନ ଗଛ ହେଉ କି ପୋଖରୀର ମାଛ, ଜଙ୍ଗଲର ଜୀବଜନ୍ତୁ ହେଉ କି ମଣିଷ, ସମସ୍ତଙ୍କ ଜୀବନ ପରସ୍ପର ସହ ଜଡ଼ିତ। ତେଣୁ ଆଧୁନିକତାକୁ ଆପଣାଇଲେ ମଧ୍ୟ ପ୍ରକୃତିକୁ ଭୁଲି ନଯିବା ପାଇଁ ସଂକଳ୍ପ ନେବା।

# ଏକା ଏକା... !




ମଧ୍ୟପ୍ରଦେଶର ଅଜନାର ନଦୀ ଏତେ ପ୍ରଦୂଷିତ ହୋଇଯାଇଛି ଯେ ଜଣେ ୨୦ ବର୍ଷୀୟ ଯୁବକ କାହାକୁ ଅପେକ୍ଷା ନକରି ଏକାକୀ ଏହାକୁ ସଫା କରୁଛନ୍ତି। ମୌଳିକ ସାଧନ ସହିତ ସୁରେନ୍ଦ୍ର ସିଂହ ଚୌଧୁରୀ ନିଜେ ନଦୀରୁ ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁ ବାହାର କରୁଛନ୍ତି।

ବିଟ୍ଟୁ ତବାହି ନାଁରେ ଜଣାଶୁଣା ସୁରେନ୍ଦ୍ର ସିଂହ ଚୌଧୁରୀ ନଦୀର ପାଣିରୁ ତଥା ଆଖପାଖ ସାର୍ବଜନୀନ ସ୍ଥାନରୁ ପ୍ଲାଷ୍ଟିକ, ଫିଙ୍ଗାଯାଇଥିବା ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ଅଳିଆ ଆବର୍ଜନାକୁ ସଫା କରୁଛନ୍ତି। ଏଥିପାଇଁ ଯେଉଁ ସବୁ ସାମଗ୍ରୀ ଦରକାର ପଡୁଛି, ସେ ନିଜେ ସେଗୁଡ଼ିକୁ କ୍ରୟ କରୁଛନ୍ତି। ଇନଷ୍ଟାଗ୍ରାମରେ ସୁରେନ୍ଦ୍ର ସିଂହ ଚୌଧୁରୀ ଦୁଇଟି ଫଟୋ ସେୟାର କରିଛନ୍ତି। ଗୋଟିଏ ସେ ନଦୀ ସଫା କରିବା ପୂର୍ବର ଓ ଅନ୍ୟଟି ସେ ସଫା କରିବା ପରର। ଫଟୋ ଦୁଇଟିକୁ ଦେଖି ସମସ୍ତେ ଚକିତ ହୋଇଛନ୍ତି। ଫଟୋ ଦୁଇଟି ବେଶ୍ ଭାଇରାଲ ହେଉଛି। ଦ୍ୱିତୀୟ ଫଟୋଟି ଲୋକମାନଙ୍କୁ ଏକ ଧାରଣା ଦେଉଛି ଯେ ଜଣେ ବ୍ୟକ୍ତିର ଦୃଢ଼ ସଂକଳ୍ପ ଆମ ପରିବେଶରେ କିପରି ଏକ ବିରାଟ ପରିବର୍ତ୍ତନ ଆଣିପାରେ।

ପ୍ରଶଂସା ମଧ୍ୟରେ ଅନେକ ଲୋକ ଅନେକ ଅସହଜ ପ୍ରଶ୍ନ କରିଛନ୍ତି। ଜଣେ ୨୦ ବର୍ଷୀୟ ଯୁବକଙ୍କୁ ଏହା କାହିଁକି କରିବାକୁ ପଡୁଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସେମାନେ ସ୍ଥାନୀୟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଭୂମିକା ଏବଂ ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନ କରିଛନ୍ତି। ଏହା ସ୍ଥାନୀୟ ମ୍ୟୁନିସିପାଲିଟି ପାଇଁ ଲଜ୍ଜାର ବିଷୟ ବୋଲି ସେମାନେ କହିଛନ୍ତି।

ଜଣେ ସୋସିଆଲ ମିଡିଆ ବ୍ୟବହାରକାରୀ ଲେଖିଛନ୍ତି, ଜଣେ ବ୍ୟକ୍ତି ଏହା କରିପାରିବେ, କିନ୍ତୁ ଯାହାର ଏହା ଦାୟିତ୍ୱ ଓ ଯାହା ପାଖରେ ସମ୍ବଳ ରହିଛି ସେ କରିବେ ନାହିଁ। ମ୍ୟୁନିସିପାଲିଟିର ଦାୟିତ୍ୱ ଉପରେ ଆଲୋଚନା ହେଉ। ଏହି ଦେଶରେ, ପ୍ରତ୍ୟେକ ସହରରେ, ଯେଉଁମାନେ ନିୟମିତ ଭାବରେ ରାସ୍ତାଘାଟ ସଫା ରଖିବା, ନଦୀକୁ ସଫା ରଖିବ, ବର୍ଜ୍ୟବସ୍ତୁ ପରିଚାଳନା କରିବା ଡ୍ରେନେଜ ବ୍ୟବସ୍ଥା ସୁଧାରିବା କାର୍ଯ୍ୟ ପାଇଁ ଦାୟୀ, ସେମାନେ ନିଜ କର୍ତ୍ତବ୍ୟ କରିବାରେ ବିଫଳ ହେଲେ ସେମାନଙ୍କ ଉପରେ ଉଚିତ୍ ଦଣ୍ଡବିଧାନ କରାଯିବା ଉଚିତ। ସେମାନଙ୍କ ଉପରେ ଜରିମାନା ପଡ଼ିବା ଉଚିତ। ଆବଶ୍ୟକ ସ୍ଥଳେ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯିବା ଉଚିତ।

ଏହି କାର୍ଯ୍ୟ କରି ସୋସିଆଲ ମିଡିଆରେ ବେଶ୍ ଧ୍ୟାନ ଆକର୍ଷଣ କରିଛନ୍ତି ସୁରେନ୍ଦ୍ର ସିଂହ ଚୌଧୁରୀ। ଇନଷ୍ଟାଗ୍ରାମରେ ତାଙ୍କର ୨୯୬,୦୦୦ ରୁ ଅଧିକ ଫଲୋୟୋର ରହିଛନ୍ତି। ଶିଳ୍ପପତି ଆନନ୍ଦ ମହିନ୍ଦ୍ରା ମଧ୍ୟ ଗତ ମାର୍ଚ୍ଚ ମାସରେ ତାଙ୍କ କାର୍ଯ୍ୟକୁ ହାଇଲାଇଟ୍ କରିଥିଲେ।

ସୁରେନ୍ଦ୍ର ସିଂହ ଚୌଧୁରୀ ନିଜ କାର୍ଯ୍ୟ ଜାରି ରଖିଛନ୍ତି। ସେ ବାହାର କରୁଥିବା ପ୍ରତ୍ୟେକ ପ୍ଲାଷ୍ଟିକ ଖଣ୍ଡ ଏକ ଛୋଟ ବିଜୟ। କିନ୍ତୁ ଏହା ବି ସତ ଯେ ଏକ ନଦୀକୁ ସଫା ରଖିବା କେବେ ବି ଜଣେ ଦୃଢ଼ ସଂକଳ୍ପ ୨୦ ବର୍ଷୀୟ ଯୁବକଙ୍କ କାର୍ଯ୍ୟ ନୁହେଁ। ଏଥିପାଇଁ ସମସ୍ତେ ଆଗେଇ ଆସିବା ଉଚିତ୍। ସେହିପରି ଯେଉଁମାନଙ୍କର ଏହା ଦାୟିତ୍ୱ, ସେମାନେ ସକ୍ରିୟ ରହିବା ବହୁତ ଜରୁରୀ ବୋଲି ଆଲୋଚନା ହେଉଛି।

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ ।**

ମୋବାଇଲ (ହ୍ୱାଟସ୍ଆପ୍) : ୯୦୯୦୨୨୫୩୫୩
ଇମେଲ: voiceofvictimsnews@gmail.com

# ରାଜ-ରଣପୁର : କିଛି ଅନାବୃତ କଥା (୧୬)



ଚିତ୍ତରଂଜନ ଲାଲ୍ (ମୁନା)

## ଶହେ ବର୍ଷର ସ୍ୱାଦ : ରାଜରଣପୁରର କଣ୍ଟେଇମୁଣ୍ଡି ଜଳଖିଆ ଦୋକାନ



ରାଜ ରଣପୁରର ପ୍ରଥମ ପେଶାଦାର ଜଳଖିଆ ଦୋକାନ ଭାବେ ପରିଚିତ କଣ୍ଟେଇମୁଣ୍ଡି ଜଳଖିଆ ଦୋକାନ ଆଜି ମଧ୍ୟ ରାଜରଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଚାଲୁ ରହିଛି। ଶହେ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଏହି ଦୋକାନକୁ ବର୍ତ୍ତମାନ ପରିବାରର ଚତୁର୍ଥ ପିଢ଼ି ପରିଚାଳନା କରୁଛନ୍ତି। ଏହାକୁ ଏକ ଜଳଖିଆ ଦୋକାନ କହିଲେ ଭୁଲ ହେବ ବରଂ ଏହା ରାଜ ରଣପୁରର ପାରମ୍ପରିକ ଖାଦ୍ୟ ସଂସ୍କୃତି, ସାମାଜିକ ଜୀବନ ଓ ପୁରୁଣା ଦିନର ସ୍ମୃତି ସହ ଜଡ଼ିତ ଏକ ଐତିହ୍ୟ। ପୁରୁଣା ଦିନରେ କୌଳିକ ବୃତ୍ତି ଅନୁସାରେ ଗୁଡ଼ିଆ ସମ୍ପ୍ରଦାୟର ପୁରୁଷମାନେ ମୁଖ୍ୟତଃ ମିଠା ଓ ଜଳଖିଆ ପ୍ରସ୍ତୁତ କରି ବିକ୍ରି କରୁଥିଲେ। ଘରର ମହିଳାମାନେ ଏହି କାର୍ଯ୍ୟରେ ସହଯୋଗ କରିବା ସହ ଘରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତିର ଦାୟିତ୍ୱ ତୁଲାଉଥିଲେ। ପ୍ରଥମେ ରାଜ ରଣପୁର ଅଞ୍ଚଳରେ ଏହି ସମ୍ପ୍ରଦାୟର ଲୋକମାନେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଗାଁ ଗଣ୍ଡାରେ ଚାଲିଚାଲି, ଘରକୁ ଘର ବୁଲି ବିକ୍ରି କରୁଥିଲେ। ରାଜ ରଣପୁର ଜଗନ୍ନାଥ ମନ୍ଦିରର ସେବାକାର୍ଯ୍ୟ ଏବଂ ରାଜବାଟୀରେ ବିଭିନ୍ନ ବିଶେଷ ଅବସରରେ ମଧ୍ୟ ଏମାନେ ନିଜର ସେବା ଯୋଗାଇ ଦେଉଥିଲେ।

ତଥ୍ୟ ଅନୁସାରେ, ୧୯୨୩ ମସିହା ବେଳକୁ ରାଜ ରଣପୁରର ଶାମୁକା ସାହିର ସ୍ୱର୍ଗତ ଅନନ୍ତ ସାହୁ (୧୯୦୩–୧୯୬୮) ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକ ଜଳଖିଆ ଦୋକାନ ଆରମ୍ଭ କରିଥିଲେ। ଏହି ଦୋକାନଟି ପରବର୍ତ୍ତୀ ସମୟରେ 'କଣ୍ଟେଇମୁଣ୍ଡି ଦୋକାନ' ଭାବେ ପରିଚିତ ହେଲା। ଏଠାରେ ବିଭିନ୍ନ ପ୍ରକାରର ସ୍ଥାନୀୟ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକମାନଙ୍କୁ ପରିବେଷଣ କରାଯାଉଥିଲା। ଅନନ୍ତ ସାହୁଙ୍କ ପତ୍ନୀଙ୍କ ନାମ ସ୍ୱର୍ଗତ ଚାନ୍ଦ ବେୱା। ତାଙ୍କର ତିନି ପୁଅ ଥିଲେ। ବଡ଼ ପୁଅ ସ୍ୱର୍ଗତ ନରସିଂହ ସାହୁ, ମଝିଆ ପୁଅ କୃଷ୍ଣଚନ୍ଦ୍ର ସାହୁ ଏବଂ ସାନ ପୁଅ ବିଶୁ ସାହୁ। କୃଷ୍ଣଚନ୍ଦ୍ର ସାହୁଙ୍କର ଲୋକପ୍ରିୟ ନାମ ଥିଲା 'କୁସୁନି ସାହୁ'। ସେ ଦୋକାନ ପରିଚାଳନା କରୁଥିବାରୁ ଏହା ଧୀରେ ଧୀରେ 'କୁସୁନି ସାହୁ ଦୋକାନ' ନାମରେ ମଧ୍ୟ ଜଣାଶୁଣା ହେଲା। ସ୍ଥାନୀୟ ଜନଶ୍ରୁତି ଅନୁସାରେ, 'କଣ୍ଟେଇମୁଣ୍ଡି', 'କାଠ' ଓ 'ବଡ଼ କାଠ' ଆଦି ନାମ ରାଜା ଦେଇଥିଲେ। ଜଗନ୍ନାଥ ବଜାରର ହାଲୁରି ସାହୁଙ୍କୁ 'ଠେକୁଆ' ଏବଂ ବେରୁକ ସାହିର ଅଇଁଠା ସାହୁଙ୍କୁ 'ବଡ଼ କାଠ' ନାମରେ ଡକାଯାଉଥିଲା। ଅଇଁଠା ସାହୁ ଜଗନ୍ନାଥ ମନ୍ଦିରକୁ ବଲ୍ଲଭ ମୁଆଁ ପ୍ରସ୍ତୁତ କରି ଯୋଗାଇ ଦେଉଥିଲେ। ଏଥିରୁ ସେତେବେଳର ମନ୍ଦିର ପରମ୍ପରା ଓ ସ୍ଥାନୀୟ ମିଠା ପ୍ରସ୍ତୁତକାରୀଙ୍କ ମଧ୍ୟରେ ଥିବା ସମ୍ପର୍କର ଏକ ଝଲକ ମିଳେ। ସେତେବେଳେ ରଣପୁରରେ ଛେନାରେ ପ୍ରସ୍ତୁତ ମିଷ୍ଟାନ୍ନ ସାଧାରଣତଃ ମିଳୁନଥିଲା। ଚିନିରେ ତିଆରି ପାରମ୍ପରିକ ମିଠାର ଚାହିଦା ଅଧିକ ଥିଲା। ସେହି ସମୟରେ ମିଳୁଥିବା ମିଠା ମଧ୍ୟରେ ସାକର, ଖୁରୁମା, ଲବଙ୍ଗଲତା, କ୍ଷୀରଗଜା, ଜିଲାପି, ଲଡୁ, ବୁନ୍ଦିଆ ଆଦି ପ୍ରମୁଖ ଥିଲା। ଦୋଳପୂର୍ଣ୍ଣିମା ସମୟରେ ଚିନିରେ ତିଆରି ହାତୀ ଓ ଘୋଡ଼ା ଆକୃତିର ମିଷ୍ଟାନ୍ନ ବିଶେଷ ଆକର୍ଷଣ ସାଜୁଥିଲା। ଏହା ସହିତ କୋରାଖଇ ଓ ଶାଳ ଉଖୁଡ଼ା ମଧ୍ୟ ମିଳୁଥିଲା। ଖାରା ଜଳଖିଆ ମଧ୍ୟରେ ବରା, ଆଳୁଚପ୍, ପିଆଜି, ସିଙ୍ଗଡ଼ା, ପୁରୀ, ଲୁଚି, ସେଉ, ଗାଣ୍ଠିଆ, ନିମିକି ଏବଂ ଏଣ୍ଡୁଳି (ଇଡ଼ଲି) ଆଦି ରହିଥିଲା। ଏହି ସବୁ ଖାଦ୍ୟ ରଣପୁରର ଲୋକମାନଙ୍କ ଦୈନନ୍ଦିନ ଜୀବନ ଓ ଖାଦ୍ୟ ସଂସ୍କୃତିର ଅଂଶ ଥିଲା।

୧୯୭୦ ଦଶକ ବେଳକୁ ମଝିଆଖଣ୍ଡ ଗ୍ରାମର ସୁଦାମ ସାହୁ ପ୍ରତିଦିନ ରଣପୁରକୁ ରସଗୋଲା ଆଣି ବିକ୍ରି କରୁଥିଲେ। ପରବର୍ତ୍ତୀ ସମୟରେ ସେ ରଣପୁର ବଡ଼ଦାଣ୍ଡରେ ବଜି ପଟ୍ଟନାୟକଙ୍କ ଘର ସମ୍ମୁଖରେ ଏକ ଜଳଖିଆ ଦୋକାନ ଖୋଲିଥିଲେ। ସେହିପରି, ୧୯୬୦ ଦଶକର ଶେଷ ଭାଗ କିମ୍ବା ୧୯୭୦ ଦଶକରେ କେନ୍ଦୁପଲ୍ଲୀ ଗ୍ରାମର ହରିହର ସାହୁ ରଣପୁର ଆସି ହାଟସାହି ଗୁଣ୍ଡିଚା ମନ୍ଦିର ନିକଟରେ ଏକ ହୋଟେଲ ଖୋଲିଥିଲେ। ଏହା 'କେନ୍ଦୁପଲ୍ଲୀ ହୋଟେଲ' ନାମରେ ପରିଚିତ ହେଲା। ଅନ୍ୟପକ୍ଷରେ, ବରମୂଳ ଗ୍ରାମର ଗୋଜି ସାହୁ, ଯିଏକି ଅନନ୍ତ ସାହୁଙ୍କ ଶାଳକ ଥିଲେ, ପ୍ରତିଦିନ ରଣପୁର ଆସି ଜଳଖିଆ ବିକ୍ରି କରୁଥିଲେ। ପରେ ସେ ବି.ଏନ୍. କ୍ଲବ୍ ନିକଟସ୍ଥ ବଧି ପୋଖରୀର ହୁଡ଼ାରେ ନିଜର ଏକ ସ୍ଥାୟୀ ଜଳଖିଆ ଦୋକାନ ଖୋଲିଥିଲେ। ଏହି ସମୟରେ ଶ୍ରୀ ବେତରା ସାହୁ ମଧ୍ୟ କେନ୍ଦୁପଲ୍ଲୀ ହୋଟେଲ ସମ୍ମୁଖରେ ଏକ ହୋଟେଲ ଖୋଲିଥିଲେ। ଏହି ଦୁଇଟି ହୋଟେଲରେ ଜଳଖିଆ ସହିତ ଭାତ, ରୁଟି ଏବଂ ବିଭିନ୍ନ ପ୍ରକାରର ଆମିଷ ଓ ନିରାମିଷ ତରକାରୀ ମିଳୁଥିଲା। ଫଳରେ ରଣପୁରରେ ଜଳଖିଆ ଦୋକାନ ସହିତ ପୂର୍ଣ୍ଣାଙ୍ଗ ଭୋଜନାଳୟର ମଧ୍ୟ ବିକାଶ ହେଲା। ରଣପୁର ବଡ଼ଦାଣ୍ଡରେ ସ୍ୱର୍ଗତ ଖଲି ସାହୁଙ୍କ ଜଳଖିଆ ଦୋକାନ ୧୯୫୦ ଦଶକରୁ ରହିଥିଲା। ପରବର୍ତ୍ତୀ ସମୟରେ ଚରଣ ସାହୁ ଓ ସ୍ୱର୍ଗତ ଉଦିଆ ସାହୁ ମଧ୍ୟ ସେଠାରେ ନିଜ ନିଜର ଜଳଖିଆ ଦୋକାନ ଖୋଲିଥିଲେ। ସେହିପରି, ସ୍କୁଲ ଛକରେ ଲକ୍ଷ୍ମଣ ସାହୁ ଏକ ଜଳଖିଆ ଦୋକାନ ଖୋଲିଥିଲେ। ଏହି ଦୋକାନଗୁଡ଼ିକ ଖାଲି ଖାଦ୍ୟ ବିକ୍ରିର କେନ୍ଦ୍ର ନଥିଲା; ଏଗୁଡ଼ିକ ଥିଲା ସ୍ଥାନୀୟ ଲୋକଙ୍କ ମିଳାମିଶା, ଆଳାପ ଓ ଦୈନନ୍ଦିନ ଜୀବନର ଏକ ଅଂଶ। ଚଣ୍ଡେଶ୍ୱର ସାହିର ପତିଆ ସାହୁ ବିଭିନ୍ନ ପ୍ରକାରର ଜଳଖିଆ ନେଇ ଗାଁ ଗାଁ ବୁଲି ବିକ୍ରି କରୁଥିଲେ। ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ହାତରେ ଏକ ଲୁହାରେ ତିଆରି ରିଙ୍ଗ୍ ହଲାଇ ଶବ୍ଦ କରୁଥିଲେ। ସେହି ଶବ୍ଦ ଶୁଣି ଲୋକମାନେ ଜଳଖିଆ କିଣିବା ପାଇଁ ଘରୁ ବାହାରି ଆସୁଥିଲେ। ଏହା ଥିଲା ସେହି ସମୟର ଏକ ସ୍ୱତନ୍ତ୍ର ବିକ୍ରୟ ପଦ୍ଧତି, ଯାହା ଆଜିର ପିଢ଼ି ପାଇଁ ଏକ ସ୍ମରଣୀୟ ଅତୀତ। ରାଜ ରଣପୁରର ପୁରୁଣା ଜଳଖିଆ ଦୋକାନଗୁଡ଼ିକର ଇତିହାସ ଖାଲି ବ୍ୟବସାୟର ଇତିହାସ ନୁହେଁ। ଏହା ସହ ଜଡ଼ିତ ରହିଛି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି, ପରିବାରର ପରିଶ୍ରମ, ମନ୍ଦିର ସେବା, ସ୍ଥାନୀୟ ଅର୍ଥନୀତି ଓ ଲୋକଜୀବନର ଅନେକ ଅକୁହା କାହାଣୀ। ଏବେ ସମୟ ବଦଳିଛି, ଖାଦ୍ୟର ପ୍ରକାର ବଦଳିଛି, ଲୋକଙ୍କ ରୁଚି ଓ ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନ ଆସିଛି। ତଥାପି ଜଗନ୍ନାଥ ମନ୍ଦିର ସମ୍ମୁଖରେ ଆଜି ମଧ୍ୟ ଚାଲୁଥିବା କଣ୍ଟେଇମୁଣ୍ଡି ଜଳଖିଆ ଦୋକାନ ରାଜ ରଣପୁରର ପୁରୁଣା ଦିନର ସ୍ମୃତିକୁ ଜୀବନ୍ତ ରଖିଛି। ପରିବାରର ଚତୁର୍ଥ ପିଢ଼ି ଏହି ଦୋକାନକୁ ଚଳାଇ ଆସୁଥିବା କଥା ଏହାର ଦୀର୍ଘ ପରମ୍ପରା ଓ ପରିବାରର ନିଷ୍ଠାର ଏକ ଉଦାହରଣ। ରାଜ ରଣପୁରର ଏହି ପୁରୁଣା ଜଳଖିଆ ଦୋକାନ ଓ ବ୍ୟବସାୟୀ ପରିବାରମାନଙ୍କ ଅବଦାନକୁ ଲିପିବଦ୍ଧ କରି ରଖିବା ଆମ ଅଞ୍ଚଳର ଐତିହ୍ୟ ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ। (କ୍ରମଶଃ)

**ବଡ଼ଦାଣ୍ଡ ସାହି, ରାଜ - ରଣପୁର**
**ମୋବାଇଲ :୯୪୩୭୨୨୮୮୫୬**

## ଗାନ୍ଧୀ ଜୟନ୍ତୀରେ ଆଦିବାସୀ ମହିଳାଙ୍କୁ ସ୍ୱାବଲମ୍ବନର ବାର୍ତ୍ତା

**କୁମ୍ଭାରମୁଣ୍ଡା (ଭିଓଭି) :** ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ, ସ୍ୱାବଲମ୍ବନ ଓ ଗ୍ରାମୀଣ ଅର୍ଥନୀତିର ବିକାଶର ଚିନ୍ତାଧାରାକୁ ଅପହଞ୍ଚ ଅଞ୍ଚଳରେ ପହଞ୍ଚାଇବା ଉଦ୍ଦେଶ୍ୟରେ କୁମ୍ଭାରମୁଣ୍ଡାଠାରେ ଗଣ୍ଡ ଆଦିବାସୀ ସମ୍ପ୍ରଦାୟର ମହିଳାମାନଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଜୟନ୍ତୀ ଅବସରରେ ଆୟୋଜିତ ଏହି ସଭାରେ 'ୟାର'ର ପ୍ରତିଷ୍ଠାତା ରଣଜିତ ପଟ୍ଟନାୟକ ଯୋଗଦେଇ ଗାନ୍ଧିଜୀଙ୍କ ଚିନ୍ତାଧାରା, ଗ୍ରାମୀଣ ଅର୍ଥନୀତି ଓ ମହିଳା ସଶକ୍ତୀକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଆଦିବାସୀ ମହିଳାମାନେ ନିଜସ୍ୱ ଉଦ୍ୟମ ଓ ସ୍ଥାନୀୟ ସମ୍ବଳର ସୁବିନିଯୋଗ ମାଧ୍ୟମରେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। 'ୟାର'ର ଉପସଭାପତି ତଥା ସମାଜସେବୀ ସୁଧାଂଶୁ ଶେଖର ପ୍ରଧାନ ଯୋଗଦେଇ ଗାନ୍ଧିଜୀ ୧୯୩୪ ମସିହା ମଇ ୫ ତାରିଖରେ ବାମୁରଠାରେ ରାତ୍ରିଯାପନ କରିଥିବା ଐତିହାସିକ ଘଟଣାର ସ୍ମୃତିଚାରଣ କରିଥିଲେ। ଗାନ୍ଧିଜୀଙ୍କ ଆଦର୍ଶକୁ ଗ୍ରାମୀଣ ଓ ଆଦିବାସୀ ସମାଜର ଉନ୍ନତି ସହ ଯୋଡ଼ିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



ଅନ୍ୟତମ ସାଥୀ ସଂଜିତ ପଟ୍ଟନାୟକ ଗୋପାଳନ ଓ ଛେଳି ପାଳନ ଭଳି ଜୀବିକାଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ମହିଳାମାନଙ୍କ ଆୟ ବୃଦ୍ଧି ଓ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ସମ୍ଭବ ବୋଲି କହିଥିଲେ। 'ସ୍ମାଇଲ' ସଂଗଠନର ସଂଯୋଜକ ଭାବେ ଏ ଦିଗରେ ନୂତନ ପ୍ରୟାସ ଜାରି ରଖିବାକୁ ସେ ଆହ୍ୱାନ ଦେଇଥିଲେ। 'ଭିନ୍ଦି ଫାଉଣ୍ଡେସନ'ରୁ ଯୋଗଦେଇଥିବା ପ୍ରିୟା ବର୍ମା ଆଦିବାସୀ ମହିଳାମାନଙ୍କ ପାଇଁ ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ତାଲିମ ମାଧ୍ୟମରେ ମହିଳାମାନଙ୍କୁ ଜୀବିକା ବିକାଶ ଓ ଆର୍ଥିକ ସ୍ୱାବଲମ୍ବନ ପାଇଁ ଆବଶ୍ୟକ ଦକ୍ଷତା ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ମମତା ନାୟକ ସ୍ଥାନୀୟ ମହିଳାମାନଙ୍କୁ ସଂଗଠିତ କରିବାରେ ସହଯୋଗ କରିଥିଲେ। ଆଦିବାସୀ ମହିଳାଙ୍କ ସାମାଜିକ ଓ ଆର୍ଥିକ ସଶକ୍ତୀକରଣ ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଏଭଳି ପ୍ରୟାସ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆୟୋଜକମାନେ ପ୍ରକାଶ କରିଥିଲେ।

## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ :
୯୦୯୦୨୨୫୩୫୩
**Email:**
voiceofvictim2019@gmail.com
voiceofvictimsnews@gmail.com
**Website :**
https://voiceofvictims.co.in
**E-Paper :**
voiceofvictimsepaper.in




# ୬ ବର୍ଷ ପରେ ଖୋଲିଲା ଶ୍ରୀଗୁଣ୍ଡିଚା ମନ୍ଦିର

**ପୁରୀ (ଭିଓଭି):** ଦୀର୍ଘ ୬ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ଭକ୍ତ ମାନଙ୍କ ପାଇଁ ଖୋଲିଛି ଶ୍ରୀଗୁଣ୍ଡିଚା ମନ୍ଦିର। ଆନନ୍ଦ ମନରେ ମହାପ୍ରଭୁଙ୍କ ଜନ୍ମବେଦୀ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଛନ୍ତି ଶ୍ରଦ୍ଧାଳୁ। ୨୦୨୦ ମସିହାରେ କୋଭିଡ ଯୋଗୁଁ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟକୁ ପ୍ରବେଶ ବନ୍ଦ କରାଯାଇଥିଲା ଏବଂ ପରବର୍ତୀ ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ନିମନ୍ତେ ବନ୍ଦ ରହିଥିଲା। ଏବେ ମରାମତି କାମ ସଂପୂର୍ଣ୍ଣ ହେବା ପରେ ଶ୍ରୀମନ୍ଦିର ପରିଚାଳନା ନିଷ୍ପତ୍ତି ମୁତାବକ ଗତ ସେପ୍ଟେମ୍ବର ୩୦ ତାରିଖ ଠାରୁ ସର୍ବସାଧାରଣଙ୍କ ନିମନ୍ତେ ଶ୍ରୀଗୁଣ୍ଡିଚା ମନ୍ଦିର ଦ୍ୱାର ଉନ୍ମୁକ୍ତ କରି ଦିଆଯାଇଛି। ପୂର୍ବ ନିଷ୍ପତ୍ତି ମୁତାବକ ସକାଳ ୭ଟା୪୫ମିନିଟ୍ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ନଡ଼ିଆ ବାଢ଼େଇ ଦର୍ଶନର ଶୁଭାରମ୍ଭ କରିଥିଲେ। ପ୍ରଥମ ୫ ଜଣ ଭକ୍ତଙ୍କୁ ଶ୍ରୀମନ୍ଦିର ବାନା ପରିଧାନ କରାଇ ସ୍ୱାଗତ କରାଯାଇଥିଲା ଏବଂ ସମସ୍ତ ଶ୍ରଦ୍ଧାଳୁ ଧାଡ଼ିରେ ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ବାହାରେ ଟିକେଟ୍ କାଉଣ୍ଟର ସମେତ ଯୋତା ଷ୍ଟାଣ୍ଡ ଆଦି କରାଯାଇଥିବା ବେଳେ ମନ୍ଦିର ମଧ୍ୟରେ ପାନୀୟ ଜଳ ଆଦିର ବ୍ୟବସ୍ଥା କରାଯାଇଛି। ନାଟ ମଣ୍ଡପକୁ ବାତାନୁକୁଳିତ କରାଯାଇଛି। ମନ୍ଦିର ମଧ୍ୟରେ ତିନି ରଥର ତିନୋଟି ଚକ ସ୍ଥାପନ କରାଯାଇଛି। ଦିବ୍ୟାଙ୍ଗ ଶ୍ରଦ୍ଧାଳୁମାନଙ୍କ ପାଇଁ ସ୍ୱତନ୍ତ୍ର ର୍ୟାମ୍ପ ବ୍ୟବସ୍ଥା କରାଯାଇଛି। ପ୍ରବେଶ ଶୁଳ୍କ ଜଣପିଛା ୧୦ଟଙ୍କା ରଖା ଯାଇଥିବା ବେଳେ ୫ବର୍ଷରୁ କମ୍, ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଶ୍ରଦ୍ଧାଳୁ ମାନଙ୍କ ପାଇଁ କୌଣସି ଶୁଳ୍କ ଲାଗିବ ନାହିଁ ବୋଲି ବିଜ୍ଞାପନ ଫଳକରେ ପ୍ରଦର୍ଶିତ ହୋଇଛି। ପ୍ରଥମ ତିନି ଦିନ ସମସ୍ତ ଭକ୍ତ ମାନେ ବିନା ଶୁଳ୍କରେ ଦର୍ଶନ କରିବାର ସୁବିଧା ପାଇଥିଲେ। ପ୍ରତିକ୍ରିୟାରେ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିରର ସୁରକ୍ଷା କଡ଼ା କଡ଼ି କରାଯାଇଛି। ପ୍ରବେଶ ଦ୍ୱାରରେ ଏବଂ ମନ୍ଦିର ଭିତରେ ସିସିଟିଭି ଲଗାଯାଇଛି। ପ୍ରବେଶ ଦ୍ୱାରରେ ମେଟାଲ ଡିଟେକ୍ଟର ଲଗାଯାଇଛି ଏବଂ ମନ୍ଦିର ଭିତରେ ବ୍ୟାପ ପୋଲିସ୍ ମୁତୟନ କରାଯାଇଛି। ମନ୍ଦିର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ କିନ୍ତୁ ନଭେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ସନ୍ଧ୍ୟା ୫ଟାରେ ମନ୍ଦିର ଦର୍ଶନ ବନ୍ଦ ହେବ। ସେହିପରି ସ୍ନାନ ପୂର୍ଣ୍ଣିମାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଏହି ଦର୍ଶନ ବନ୍ଦ ରହିବ। ଭକ୍ତ ମାନେ ନିରାପଦରେ ଏବଂ ଶାନ୍ତି ଶୃଙ୍ଖଳାର ସହିତ କିପରି ଦର୍ଶନ କରିପାରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡା. ଅରବିନ୍ଦ ପାଢ଼ୀ ପ୍ରକାଶ କରିଛନ୍ତି।

# ୪ ନାବାଳିକା ଅସୁସ୍ଥ : ୨ ଗୁଣିଆ ଅଟକ

**ବାଲିପାଟଣା (ଭିଓଭି) :** ବାଲିପାଟଣା ଥାନା ଅଞ୍ଚଳର ଏକ ଗାଁରେ ୪ ନାବାଳିକା ଅସୁସ୍ଥ ହେବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ନାବାଳିକାମାନଙ୍କ ଅସୁସ୍ଥତା ପଛରେ ଗୁଣିଗାରେଡ଼ି ଥିବା ପରିବାର ଓ କିଛି ଗ୍ରାମବାସୀ ଅଭିଯୋଗ କରିଥିବା ବେଳେ ଏହାର ସତ୍ୟତା ଏଯାଏ ସ୍ପଷ୍ଟ ହୋଇନାହିଁ। ପରିବାର ପକ୍ଷରୁ ମିଳିଥିବା ସୂଚନାନୁସାରେ, ୪ ନାବାଳିକାଙ୍କ ମଧ୍ୟରୁ ଦୁଇଜଣଙ୍କ ହାତ ଓ ଗୋଡ଼ରେ କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା। ଅନ୍ୟ ଦୁଇଜଣଙ୍କ ଆଚରଣରେ ମଧ୍ୟ ପରିବର୍ତ୍ତନ ଦେଖାଦେଇଥିବା ଅଭିଯୋଗ କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ମଧ୍ୟ ସମସ୍ୟା ଦୂର ନହେବାରୁ ପରିବାର ପକ୍ଷରୁ ଗୁଣିଆଙ୍କୁ ଡକାଇ ପୂଜାପାଠ କରାଯାଇଥିଲା।

ଏହାପରେ ଘଟଣାକୁ ଗୁଣିଗାରେଡ଼ି ସହ ଯୋଡ଼ି ଅଭିଯୋଗ ଉଠିଥିଲା। ଘଟଣା ସମ୍ପର୍କରେ ଦୁଇଜଣଙ୍କୁ ଗାଁକୁ ଡକାଇ ପଚରାଉଚରା କରାଯାଇଥିବା ଜଣାପଡ଼ିଛି। ସେମାନେ ଅଭିଯୋଗ ସମ୍ପର୍କରେ ସବୁ ସତ ସ୍ୱୀକାର କରିଥିବା ଗ୍ରାମବାସୀଙ୍କ ଓ ପରିବାର କହିଛନ୍ତି।ଖବର ପାଇ ବାଲିପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ପରେ ଆପୋଷ ସମାଧାନ ପରେ ସେମାନଙ୍କୁ ପରିବାର ପକ୍ଷରୁ ଜିମାରେ ନିଆଯାଇଥିବା ସୂଚନା ମିଳିଛି।

## ଦୁଇ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ

# ବିଦ୍ୟାଳୟ ସହକାରୀ କିରାଣୀ ଗିରଫ

**କୋଇଡ଼ା (ଭିଓଭି) :** ବିଦ୍ୟାଳୟ ପରିସରରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପୁଣି ଉଠିଲା ପ୍ରଶ୍ନ। ଦୁଇ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ବିଦ୍ୟାଳୟ ସହକାରୀ କିରାଣୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ୍ ଅନ୍ତର୍ଗତ କେବଲାଙ୍ଗ ଥାନା ଅଞ୍ଚଳର ଜାମୁଢ଼ିହି ସ୍ଥିତ ଏକ ବିଦ୍ୟାଳୟରେ ଏହି ଅଭାବନୀୟ ଘଟଣା ଘଟିଥିବା ଅଭିଯୋଗ ହୋଇଛି।

ପୁଲିସ ସୂଚନା ଅନୁସାରେ, ଗଣେଶ ପୂଜା ଭସାଣି ସମୟରେ ଦାୟିତ୍ୱରେ ଥିବା ସହକାରୀ କିରାଣୀ ଜିତେନ୍ଦ୍ର କୁମାର ଉଦବାଲ ଭସାଣି ଶେଷ ପରେ ବିଦ୍ୟାଳୟର ଦୁଇ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅଟକାଇଥିଲେ। ସେମାନଙ୍କ ସହ ଖରାପ ବ୍ୟବହାର କରିବା ସହ ଅସଦାଚରଣ କରିଥିବା ଛାତ୍ରୀଦ୍ୱୟ ଅଭିଯୋଗ କରିଛନ୍ତି। ଘଟଣା ପରେ ଲୋକଲଜ୍ଜା ଭୟରେ ଛାତ୍ରୀଦ୍ୱୟ ପ୍ରଥମେ କାହାକୁ କିଛି କହିନଥିବା ଜଣାପଡ଼ିଛି। ପରେ ପୁଣି ଏଭଳି ଘଟଣା ଘଟିବାରୁ ସେମାନେ ଘରକୁ ଯାଇ ଅଭିଭାବକଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ଏହାପରେ ଅଭିଭାବକମାନେ କେବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଥାନାଧିକାରୀ ଅଶୋକ କୁମାର ବେହେରାଙ୍କ ନେତୃତ୍ୱରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସହକାରୀ କିରାଣୀଙ୍କୁ ଥାନାକୁ ଆଣି ପଚରାଉଚରା ପରେ କେବଲାଙ୍ଗ ଥାନାରେ କେସ୍ ନମ୍ବର ୨୨୪/୨୦୨୬ରେ ପୋକ୍ସୋ ଆଇନର ଧାରା ୮/୧୨ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ପରେ ଅଭିଯୁକ୍ତଙ୍କୁ ଶନିବାର ସୁନ୍ଦରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ବିଦ୍ୟାଳୟରେ ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ମଧ୍ୟ ପ୍ରଶ୍ନ ଉଠିଛି।

# ୧୦୮ ଛାତ୍ରଛାତ୍ରୀଙ୍କ ଭାଗ୍ୟବିଧାତା ସାଜିଛନ୍ତି ମାତ୍ର ଦୁଇ ଶିକ୍ଷକ

**ରାଇଘର (ଭିଓଭି) :** ବିଦ୍ୟାଳୟରେ ଶିକ୍ଷକ ଅଭାବ । ୧୦୮ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ୨ ଜଣ ଶିକ୍ଷକ । ଗୁରୁ ଥିଲେ ଜ୍ଞାନ ମିଳେ ଗୁରୁ ନଥିଲେ ପିଲାଙ୍କ ଭବିଷ୍ୟତ ଅନ୍ଧାର। ଭଗବାନଙ୍କ ଭରସାରେ ଚାଲିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ହାତିଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପହିଲିପାରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୮ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ।

ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୦୮ ଜଣ ଛାତ୍ରଛାତ୍ରୀ ଏଠାରେ ପାଠ ପଢୁଥିବା ବେଳେ ସେମାନଙ୍କ ଶିକ୍ଷାଦାନର ଦାୟିତ୍ୱ ମାତ୍ର ଦୁଇଜଣ ଶିକ୍ଷକଙ୍କ ଉପରେ ରହିଛି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ମୋଟ ୮ଟି ଶ୍ରେଣୀ । ୧୦୮ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ ମାତ୍ର ୨ ଜଣ । ଏକାଧିକ ଶ୍ରେଣୀର ପିଲାଙ୍କୁ ପଢ଼ାଇବା, ଖାତା ଦେଖିବା, ପାଠ୍ୟକ୍ରମ ଶେଷ କରିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଅଗ୍ରଗତି ଉପରେ ନଜର ରଖିବା ଦୁଇ ଶିକ୍ଷକଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଥିବା କୁହାଯାଉଛି। ତଥାପି ସୀମିତ ମାନବସମ୍ବଳ ମଧ୍ୟରେ ସେମାନେ ନିଜ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଶିକ୍ଷକ ଅଭାବ ଯୋଗୁଁ ଏକାଧିକ ଶ୍ରେଣୀକୁ ଏକାସାଙ୍ଗରେ ପରିଚାଳନା କରିବାକୁ ପଡୁଥିବାରୁ ପାଠପଢ଼ାରେ ଏହାର ପ୍ରଭାବ ପଡ଼ିବା ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ହେଲେ ଛାତ୍ର ଛାତ୍ରୀମାନେ ଅଧିକ ସୁବିଧାରେ ଶିକ୍ଷା ଗ୍ରହଣ କରି ପାରିବେ ବୋଲି ସେମାନେ ଆଶା କରିଛନ୍ତି । ଶିକ୍ଷକ ଅଭାବର ପ୍ରଭାବ କେବଳ ବର୍ତ୍ତମାନର ପାଠପଢ଼ା ଉପରେ ନୁହେଁ, ଛାତ୍ର ଛାତ୍ରୀଙ୍କ ଶିକ୍ଷାଗତ ଭବିଷ୍ୟତ ସହ ମଧ୍ୟ ଜଡ଼ିତ । ପହିଲିପାରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏବେ ଅପେକ୍ଷା ପ୍ରଶାସନର ଦୃଷ୍ଟି କେବେ ହାତୀଗାଁ ପହିଲି ପାରା ବିଦ୍ୟାଳୟ ଉପରେ ପଡିବ ।

# ମୂଳାଷ୍ଟମୀରୁ ମା’ ମଙ୍ଗଳାଙ୍କ ପୀଠରେ ଷୋଡ଼ଶ ପୂଜା



**କାକଟପୁର/ଅସ୍ତରଙ୍ଗ (ଭିଓଭି) :** ଅପେକ୍ଷାର ଅନ୍ତ ଘଟିଲା। ଶନିବାର ଠାରୁ ହିଁ ଜାଗ୍ରତ ହେଲେ ପୁରୀ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ, କୋଟି ଓଡିଆଙ୍କ ଆରାଧ୍ୟା, ପ୍ରାଚୀ ନଦୀ ତଟବାସିନୀ ମା’ ମଙ୍ଗଳା। ଶରତର ଆଗମନରେ ପ୍ରକୃତି ନୂଆ ରୂପ ଧାରଣ କରିଥିବା ବେଳେ ମା’ ମଙ୍ଗଳାଙ୍କ ପୀଠ ମଧ୍ୟ ଉତ୍ସବ ମୁଖର ହୋଇ ଉଠିଛି। କାକଟପୁରରେ ଆରମ୍ଭ ହୋଇଯାଇଛି ବିଶ୍ୱ ପ୍ରସିଦ୍ଧ ଷୋଡଶ ଉପଚାର ପୂଜାର ମହାଯାତ୍ରା, ଯାହା ଆଗାମୀ ଷୋଳ ଦିନ ଧରି ଚାଲି ବିଜୟା ଦଶମୀରେ ଶେଷ ହେବ। ଏହି ଷୋଳ ଦିନ ମା’ ସମ୍ପୂର୍ଣ୍ଣ ଜାଗ୍ରତ ଅବସ୍ଥାରେ ଥାନ୍ତି ବୋଲି ବିଶ୍ୱାସ। ମନ୍ଦିର ଟ୍ରଷ୍ଟ ନୀତି ଅନୁଯାୟୀ ଶନିବାର ଦିବା ୧ଘ ୩୦ମିରୁ ୨ଘ ୩୦ମି ମଧ୍ୟରେ ମା’ଙ୍କ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହୋଇଛି। ଏହି ଅଭିଷେକର ସବୁଠୁ ଦିବ୍ୟ ଦୃଶ୍ୟ ଥିଲା ମହାସ୍ନାନ ପର୍ବ। ମନ୍ଦିର ପରିସରରେ ରହିଛି ପ୍ରାଚୀନ ପବିତ୍ର ଗଙ୍ଗା କୂପ। ଲୋକବିଶ୍ୱାସ ଅନୁଯାୟୀ ଏହି କୂପ ସ୍ୱୟଂ ଗଙ୍ଗା, ଏହାର ଜଳ କେବେ ଶୁଖେନି, ଅକ୍ଷୟ। ଆଜି ସେହି କୂପ ଚାରିପଟେ ପୂଜକ, ସେବାୟତଙ୍କ ଭିଡ। ବେଦ ମନ୍ତ୍ର, ଶଙ୍ଖ ନାଦ, ଘଣ୍ଟ, ମୃଦଙ୍ଗ ଧ୍ୱନିରେ ପୁରା ପରିବେଶ ପ୍ରକମ୍ପିତ। ସେବାୟତମାନେ ଗୋଟି ଗୋଟି କରି କୂପରୁ ୧୦୮ ଗରା ପବିତ୍ର ଜଳ କାଢୁଥିଲେ। ପ୍ରତି



ଗରା ସହ ମା’ଙ୍କ ୧୦୮ ନାମ ଗୁଞ୍ଜରି ଉଠୁଥିଲା। ସେହି ଧ୍ୱନିରେ ପୁରା ପୀଠ ଦୁଲୁକି ଉଠୁଥିଲା।

# THE CARBON FOOTPRINT STORY OF INDIA



Nihar Ranjan Acharya

When the world discusses climate change, one important question often gets overlooked: how much does an average person actually contribute to carbon emissions?

A 2024 comparison of per-capita CO2 emissions provides an interesting perspective. According to the data shown in the accompanying graphic, India's per-capita $CO_2$ emissions were about 2.2 tonnes, significantly below the global average of 4.73 tonnes. The figures were much higher for several major economies: around 14.2 tonnes in the United States, 13.42 tonnes in Canada, 12.29 tonnes in Russia, 11.29 tonnes in South Korea and 8.66 tonnes in China.

These figures do not mean that India has no environmental responsibility. They tell us something more specific: the average Indian's territorial $CO_2$ footprint is considerably lower than that of many high-income and industrialised countries.

Why does this distinction matter?

India has a population of more than a billion people and is still developing its infrastructure, cities, industries and energy systems. Its total emissions are therefore large even though its emissions per person remain comparatively low. This distinction is important in international climate discussions.

Per-capita emissions divide a country's emissions by its population. A country with a large population can therefore have substantial total emissions while still recording a comparatively low average per person.

India's development journey is also different from that of countries that industrialised much earlier. Millions of Indians are still moving toward higher incomes, better housing, greater mobility and improved access to energy. The challenge is to achieve these improvements without repeating the most carbon-intensive stages of development followed by many industrialised economies.

That is where India has a unique opportunity.""Instead of asking only whether India is polluting less than others, we should ask:

Can India grow while keeping its future carbon footprint under control?

The answer depends on choices made today.

Expanding renewable energy, improving public transport, increasing energy efficiency, promoting electric mobility, developing green hydrogen, protecting forests and wetlands, reducing waste and encouraging a circular economy can help India combine economic growth with environmental responsibility.




The number needs context

The 2.2-tonne figure must also be understood correctly. Per-capita territorial $CO_2$ emissions do not represent the entire environmental footprint of a person or country. They do not capture every greenhouse gas, nor do they necessarily include emissions embodied in imported goods. Land-use change and other environmental pressures also require separate consideration.

Therefore, India's lower per-capita $CO_2$ emissions should be seen neither as a reason for complacency nor as a reason for guilt. They should be seen as context—and as an opportunity.

India can point to its relatively low per-person carbon footprint while simultaneously accepting the responsibility to make its future development cleaner.

The climate crisis is global. No country can solve it alone, and no country can simply shift responsibility to another. High-emitting economies must accelerate reductions, while developing countries need technological and financial space to improve living standards sustainably.

India's environmental story, therefore, should not be reduced to the question of who pollutes more.

The bigger question is: What kind of development do we choose?

If India can expand prosperity, improve living standards and create jobs while reducing the carbon intensity of its economy, it can demonstrate that development and environmental responsibility need not be opposing goals.

India may be developing rapidly—but the opportunity is to develop differently: with cleaner energy, smarter cities, efficient resource use and greater respect for nature.

The message is simple India is not the highest per-capita $CO_2$ emitter. But being a relatively low per-capita emitter does not remove our responsibility.

Our goal should be clear: Let India grow in prosperity—while its carbon footprint grows more slowly, and eventually declines.

A greener India is not a contradiction to development. It could be the next chapter of development.

**Scientific Officer, Indian Climate Congress**
**Ph. 8249775817**
**E-Mail: nihar.acharya1973@gmail.com**

## ଆନ୍ଧ୍ରପ୍ରଦେଶରେ ଓଡ଼ିଆ ଶ୍ରମିକଙ୍କ ରହସ୍ୟଜନକ ମୃତ୍ୟୁ

**କଳାହାଣ୍ଡି (ଭିଓଭି) :** ଆନ୍ଧ୍ରପ୍ରଦେଶର ଅନକାପାଲି ଅଞ୍ଚଳରେ ଦାଦନ ଖଟିବାକୁ ଯାଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କର ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ପ୍ରେମରାଜ ବିଶୋଇ (୪୦)। ଏହି ଅଘଟଣ ପରେ ମୃତକଙ୍କ ଗାଁରେ ଶୋକର ଛାୟା ଖେଳିଯାଇଥିବା ବେଳେ ମୃତ୍ୟୁର କାରଣକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ଏବଂ ଗାଁରେ ଆମ୍ବୁଲାନ୍ସକୁ ଅଟକ ରଖାଯାଇଛି। ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଫାମ୍ପୁଣି ପଂଚାୟତ ବାର୍ଲାହାଣ୍ଡି ଗାଁରେ । ପ୍ରେମରାଜ ଆନ୍ଧ୍ରପ୍ରଦେଶର ଅନକାପାଲିରେ ସିଭିଲ୍ କାମ କରିବା ପାଇଁ ଯାଇଥିଲେ। ସେଠାରେ ସେ ଏକ ରୁମରେ ଘାଟବାଘ୍ର ଗାଁର ନବୀନ ମାଳିଙ୍କ ସହ ରହି କାମ କରୁଥିଲେ। ତାଙ୍କ ସହ ରୁମରେ ଝାଡ଼ଖଣ୍ଡର ଆଉ ଜଣେ ଯୁବକ ମଧ୍ୟ ରହୁଥିଲେ। ଗତକାଲି ରାତି ପ୍ରାୟ ୯:୧୫ ସମୟରେ ଖାଇସାରିବା ପରେ ହଠାତ୍ ପ୍ରେମରାଜଙ୍କର ଝାଡ଼ାବାନ୍ତି ହୋଇଥିଲା। ତେବେ କୌଣସି ପ୍ରକାର ଡାକ୍ତରୀ ଚିକିତ୍ସା କରାଇବା ବଦଳରେ ହଠାତ୍ ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କର ମରଶରୀରକୁ ଗାଁକୁ ପଠାଇ ଦିଆଯାଇଥିଲା। ପ୍ରେମରାଜଙ୍କ ଅକାଳ ମୃତ୍ୟୁ ପରିବାରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ତାଙ୍କର ବଡ଼ ଭାଇ ସୁରେନ୍ଦ୍ର ବିଶୋଇ ଜଣେ ଭିନ୍ନକ୍ଷମ ହୋଇଥିବାରୁ ଏହି ଦୁଃସମୟରେ ସେ କିପରି ଚଳିବେ ଏବଂ ପରିବାରର ଭରଣପୋଷଣ କିପରି ହେବ, ସେନେଇ ଏବେ ସେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପରିବାରର ଏପରି ଦୟନୀୟ ଅବସ୍ଥା ସ୍ଥାନୀୟ ଅଞ୍ଚଳରେ ଗଭୀର ସମବେଦନା ସୃଷ୍ଟି କରିଛି। ଡାକ୍ତରୀ ଚିକିତ୍ସା ନକରାଇ ହଠାତ୍ ମୃତଦେହକୁ ଆମ୍ବୁଲାନ୍ସରେ ଗାଁକୁ ଅଣାଯାଇଥିବାରୁ ମୃତ୍ୟୁର ପ୍ରକୃତ କାରଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ଦେଖାଦେଇଛି। ଏହାକୁ ନେଇ ଗାଁ ଭିତରେ ଶବ ଆଣିଥିବା ଆମ୍ବୁଲାନ୍ସକୁ ଅଟକ ରଖାଯାଇଛି। ଘଟଣାର ସଠିକ୍ ତଦନ୍ତ କରାଯାଇ ମୃତ୍ୟୁର ପ୍ରକୃତ କାରଣ ସାମ୍ନାକୁ ଆଣିବାକୁ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.... ଭୁଲ୍ ସୁଧାରିପାରିବେ କି...

ଭାଷଣ ଓ ହାତ ମିଳାଇବାରେ ସୀମିତ ରହିଲେ ଚଳିବ ନାହିଁ। ଏହାକୁ ଦଳର ଦୈନନ୍ଦିନ କାର୍ଯ୍ୟଶୈଳୀ, ପ୍ରାର୍ଥୀ ଚୟନ, ନେତାଙ୍କ ମଧ୍ୟରେ ସମନ୍ୱୟ ଏବଂ କର୍ମୀଙ୍କ ସମସ୍ୟାର ସମାଧାନରେ ପ୍ରତିଫଳିତ କରିବାକୁ ପଡ଼ିବ। ସୁଜାତାଙ୍କ ଆଗରେ ଏକ ବଡ଼ ସୁଯୋଗ ରହିଛି, ସେ ଚାହିଁଲେ ବିଜେଡିର ଅତୀତର ଅଭିଜ୍ଞତାରୁ ଶିକ୍ଷା ନେଇ ଦଳ ଭିତରେ ଅଧିକ ସହଭାଗିତା, ସମ୍ମାନ ଓ ସମନ୍ୱୟର ପରିବେଶ ସୃଷ୍ଟି କରିପାରିବେ। କିନ୍ତୁ ତାଙ୍କର ଏହି ପ୍ରାରମ୍ଭିକ ଆଚରଣ ଆଗାମୀ ଦିନରେ କେତେ ଦୂର ସ୍ଥାୟୀ ହେଉଛି, ତାହା ହିଁ ତାଙ୍କ ରାଜନୈତିକ ଯାତ୍ରାର ମାପକାଠି ହେବ। ପାଣ୍ଡିଆନ୍‌ଙ୍କ ରାଜନୈତିକ ଯାତ୍ରାରୁ ଦଳ ପାଇଁ ଶିକ୍ଷା ନେବାର ଅନେକ ଦିଗ ରହିଛି। ଜଣେ ନେତା କେତେ ପ୍ରଭାବଶାଳୀ, ତାହା କେବଳ ତାଙ୍କ ଚାରିପାଖରେ ଥିବା ଲୋକଙ୍କ ସଂଖ୍ୟାରୁ ମାପି ହେବ ନାହିଁ; ବରଂ ସେ କେତେ ଲୋକଙ୍କୁ ସମ୍ମାନ ଦେଉଛନ୍ତି, କେତେ ନେତାଙ୍କୁ ଆଗକୁ ବଢ଼ିବାର ସୁଯୋଗ ଦେଉଛନ୍ତି ଏବଂ କେତେ ଜନସାଧାରଣଙ୍କ ବିଶ୍ୱାସ ଜିତିପାରୁଛନ୍ତି, ତାହା ହିଁ ପ୍ରକୃତ ମାପକାଠି। ସୁଜାତା ଯଦି ସ୍ୱାମୀଙ୍କ ରାଜନୈତିକ ଯାତ୍ରାରେ ଦେଖାଦେଇଥିବା ତ୍ରୁଟିରୁ ଶିକ୍ଷା ନେଇ ନିଜସ୍ୱ ଏକ ସମାବେଶୀ ନେତୃତ୍ୱ ଗଢ଼ିପାରନ୍ତି, ତେବେ ବିଜେଡିର ସଂଗଠନକୁ ନୂଆ ଦିଗ ମିଳିପାରେ। ଅନ୍ୟପକ୍ଷରେ, କେବଳ ବାହ୍ୟ ଆଚରଣର ପରିବର୍ତ୍ତନ ଦ୍ୱାରା ଦଳର ପୁରୁଣା ସମସ୍ୟା ଦୂର ହୋଇଯିବ ବୋଲି ଭାବିବା ଠିକ୍ ହେବ ନାହିଁ। ରାଜନୀତିରେ ଲୋକଙ୍କ ଭାବନା ଓ ଆଶା ଦ୍ରୁତ ବଦଳେ। ଯେଉଁ ଦଳ ଲୋକଙ୍କ ସହ ଯୋଡ଼ି ରହିପାରେ, କର୍ମୀଙ୍କୁ ସମ୍ମାନ ଦିଏ ଓ ଜନମତକୁ ଗୁରୁତ୍ୱ ଦିଏ, ସେହି ଦଳ ନିଜକୁ ପୁନର୍ଗଠିତ କରିବାର ସୁଯୋଗ ପାଏ। ତେଣୁ ଏବେ ଓଡ଼ିଶାର ରାଜନୈତିକ ମହଲରେ ଉଠୁଥିବା ପ୍ରଶ୍ନଟି ହେଉଛି, ସ୍ୱାମୀଙ୍କ ରାଜନୈତିକ ଭୁଲ୍‌ରୁ ଶିକ୍ଷା ନେଇ ସୁଜାତା ଏକ ନୂଆ ରାଜନୈତିକ ଅଧ୍ୟାୟ ଲେଖିପାରିବେ କି ? ଏକଥା ସମୟ ହିଁ କହିବ।

# କ୍ରେଜ୍ କମିନି ନବୀନଙ୍କର



**ଭୁବନେଶ୍ୱର (ଭିଓଭି : ବ୍ୟୁରୋ)**

ନିକଟରେ ବିଜେଡି ଦଳ ନୂତନ ଖଣି ଆଇନକୁ ନେଇ ରାଜଧାନୀର ବିରାଟ ସମାବେଶ ସୂଚନା ଦେଉଛି ନବୀନଙ୍କ କ୍ରେଜ୍ ଏବେବି ବଳବତ୍ତର ରହିଛି। ୨୪ ବର୍ଷର ଶାସନ ପରେ ଏବେ ନବୀନ ବିରୋଧୀ ଶିବିରରେ, ତାଙ୍କର ଭୂମିକା ବଦଳିଛି କିନ୍ତୁ ପ୍ରଭାବ ରହିଛି। ରାଜନୀତିରେ କ୍ଷମତା ଚାଲିଯାଏ, ପଦ ଚାଲିଯାଏ, ସରକାର ବଦଳିଯାଏ। କିନ୍ତୁ ଜନମାନସରେ ଗଢ଼ି ଉଠିଥିବା ଜଣେ ନେତାଙ୍କ ଛବି ଏତେ ସହଜରେ ବଦଳେନାହିଁ। ଓଡ଼ିଶା ରାଜନୀତିରେ ନବୀନ ପଟ୍ଟନାୟକଙ୍କ ଦୀର୍ଘ ରାଜନୈତିକ ଯାତ୍ରା ଏହାର ଏକ ଉଲ୍ଲେଖନୀୟ ଉଦାହରଣ। ୨୦୦୦ରୁ ୨୦୨୪, ଏହି ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାର ଶାସନରେ ଥିଲେ ନବୀନ। ପାଞ୍ଚ ଥର ମୁଖ୍ୟମନ୍ତ୍ରୀ ହୋଇ ସେ ରାଜ୍ୟ ରାଜନୀତିରେ ଏକ ଦୀର୍ଘ ଅଧ୍ୟାୟ ଲେଖିଛନ୍ତି। ୨୦୨୪ରେ ନିର୍ବାଚନୀ ପରିଣାମ ବଦଳିଲା, ସରକାର ବଦଳିଲା। ବିଜେପି ୭୮ଟି ଆସନ ଜିତି ସରକାର ଗଠନ କଲା ଏବଂ ବିଜେଡି ୫୧ଟି ଆସନ ପାଇ ବିରୋଧୀ ଶିବିରକୁ ଗଲା। ନବୀନ ହେଲେ ବିରୋଧୀ ଦଳର ନେତା। କିନ୍ତୁ ଏଠି ହିଁ ଆସୁଛି ଏକ ବଡ଼ ପ୍ରଶ୍ନ, କ୍ଷମତାରୁ ଦୂରେଇବା ପରେ ନବୀନଙ୍କ ଚେହେରା କେତେ ମଳିନ ହେଇଛି ଆଉ ପ୍ରଭାବ କେତେବ କମିଛି। ଏବେ ସେ ଶାସକ ନୁହନ୍ତି, ହେଲେ ସବୁବେଳେ ଚର୍ଚ୍ଚାର କେନ୍ଦ୍ରରେ ରହୁଛନ୍ତି। କାରଣ ୨୪ ବର୍ଷର ଶାସନ ସମୟରେ ନବୀନଙ୍କ ସାମ୍ନାରେ ଥିବା ବିରୋଧୀ ଦଳର ରାଜନୀତି ଅନେକ ସମୟରେ ସେତେଟା ପ୍ରଭାବଶାଳୀ ହୋଇପାରିନଥିଲା। ଆଜି ସମୀକରଣ ବଦଳିଛି। ନବୀନ ନିଜେ ବିରୋଧୀ ଦଳର ନେତା ଏବଂ ସାମ୍ନାରେ ଅଛି ଶକ୍ତିଶାଳୀ ଶାସକ ଦଳ। ଅର୍ଥାତ୍?, ଯେଉଁ ନେତା ଦୀର୍ଘଦିନ ଧରି ଶାସନର ମୁଖ୍ୟ ଚେହେରା ଥିଲେ, ସେ ଏବେ ସରକାରକୁ ପ୍ରଶ୍ନ କରୁଛନ୍ତି। ଏହି ପରିବର୍ତ୍ତନ ନବୀନଙ୍କ ରାଜନୈତିକ ଭୂମିକାକୁ ନିଶ୍ଚିତ ଭାବେ ବଦଳାଇଛି। କିନ୍ତୁ ତାଙ୍କର ରାଜନୈତିକ ଉପସ୍ଥିତିକୁ ଶେଷ କରିପାରିନାହିଁ।

ନବୀନଙ୍କ ଶାସନକାଳରେ ତାଙ୍କ ନିକଟବର୍ତ୍ତୀ ଓ ପ୍ରଭାବଶାଳୀ ନେତାଙ୍କ ଭୂମିକାକୁ ନେଇ ସବୁବେଳେ ଚର୍ଚ୍ଚା ରହିଥିଲା। ଏକ ସମୟରେ ପ୍ୟାରୀମୋହନ ମହାପାତ୍ରଙ୍କ ପ୍ରଭାବ ନେଇ ରାଜନୈତିକ ମହଲରେ ଆଲୋଚନା ହେଉଥିଲା। ପରବର୍ତ୍ତୀ ସମୟରେ ଭି.କେ. ପାଣ୍ଡିଆନଙ୍କ ଭୂମିକା ଓ ପ୍ରଭାବ ଚର୍ଚ୍ଚାର କେନ୍ଦ୍ରରେ ରହିଲା। ସମାଲୋଚକମାନେ ଏହାକୁ ନବୀନଙ୍କ ନେତୃତ୍ୱ ଶୈଳୀ ସହ ଯୋଡ଼ିଥିଲେ। କିନ୍ତୁ ଏସବୁ ଚର୍ଚ୍ଚା ମଧ୍ୟରେ ଗୋଟିଏ ଜିନିଷ ବେଶ୍? ଆଶ୍ଚର୍ଯ୍ୟଜନକ ଥିଲା, ଲୋକଙ୍କ ମଧ୍ୟରେ ନବୀନଙ୍କ ନିଜସ୍ୱ ଛବି ଅଲଗା ରହିଥିଲା। ନବୀନଙ୍କ ଦୀର୍ଘ ରାଜନୈତିକ ଶୈଳୀର ସବୁଠାରୁ ଚର୍ଚ୍ଚିତ ଦିଗ ଥିଲା ତାଙ୍କର କମ୍ କଥା କହିବା। ଖଣ୍ଡି ଓଡ଼ିଆ, ମଝିରେ ଇଂରାଜୀ, ଛୋଟ ଛୋଟ ବାକ୍ୟ, ତଥାପି ସେହି କଥାଗୁଡ଼ିକ ଲୋକଙ୍କ ମନରେ ରହିଯାଉଥିଲା। "ଆଇନ ତା' ବାଟରେ ଯିବ", "ଆପଣମାନେ ଖୁସି ତ, ମୁଁ ବି ବହୁତ ଖୁସି", ଏଭଳି ସରଳ ବାକ୍ୟ ତାଙ୍କ ରାଜନୈତିକ ଶୈଳୀର ଏକ ଅଲଗା ପରିଚୟ ସୃଷ୍ଟି କରିଥିଲା। ଦୁଇ ପଦ ଖଣ୍ଡି ଓଡ଼ିଆ କଥା, ବାମ ହାତ ହଲାଇ ଲୋକଙ୍କ ଅଭିବାଦନ ଗ୍ରହଣ କରିବା ଶୈଳୀ ସମସ୍ତଙ୍କ ଠାରୁ ଭିନ୍ନ। ରାଜନୀତିରେ ଯେଉଁଠି ଦୀର୍ଘ ଭାଷଣ, ବଡ଼ ବଡ଼ ପ୍ରତିଶ୍ରୁତି ଓ ତୀବ୍ର ଆକ୍ରମଣ ଦେଖିବାକୁ ମିଳେ, ସେଠାରେ ନବୀନଙ୍କ ନିରବତା ମଧ୍ୟ ତାଙ୍କ ରାଜନୀତିର ଏକ ଅଂଶ ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶାର ପ୍ରଶାସନିକ ପ୍ରସ୍ତୁତି ନବୀନ ସରକାରର ଏକ ପ୍ରମୁଖ ପରିଚୟ ହୋଇଥିଲା। ବାତ୍ୟା ଆସିଲେ ବଡ଼ ପରିମାଣରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା, ପ୍ରଶାସନକୁ ସକ୍ରିୟ କରିବା ଓ ଜୀବନ ରକ୍ଷାକୁ ପ୍ରଥମ ପ୍ରାଥମିକତା ଦେବା, ଏହି ମଡେଲ୍ ନବୀନ ସରକାରର ପ୍ରଶାସନିକ ଭାବମୂର୍ତ୍ତିର ଅଂଶ ହୋଇଥିଲା। 'ଜିରୋ କାଜୁଆଲିଟି' ଲକ୍ଷ୍ୟ କେବଳ ଏକ ପ୍ରଶାସନିକ ସ୍ଲୋଗାନ୍ ନଥିଲା; ବିପର୍ଯ୍ୟୟ ସମୟରେ ସରକାର ଲୋକଙ୍କ ପାଇଁ ଠିଆ ହେବ, ଏଭଳି ଏକ ଧାରଣା ମଧ୍ୟ ଏହା ମାଧ୍ୟମରେ ଗଢ଼ିଉଠିଥିଲା।

ଆଞ୍ଚଳିକ ଦଳର ନେତା ହୋଇଥିଲେ ମଧ୍ୟ ନବୀନଙ୍କ ପ୍ରଭାବ କେବଳ ଓଡ଼ିଶାରେ ସୀମିତ



ରହିନଥିଲା। ଦିଲ୍ଲୀର ରାଜନୀତିରେ ବିଜେଡିର ସଂଖ୍ୟା ଅନେକ ସମୟରେ କେନ୍ଦ୍ର ସରକାରଙ୍କ ପାଇଁ ଗୁରୁତ୍ୱ ରଖିଥିଲା। ବିଭିନ୍ନ ସମୟରେ କେନ୍ଦ୍ରରେ ଥିବା ସରକାର ସହ ବିଜେଡିର ସମ୍ପର୍କ ମଧ୍ୟ ଜାତୀୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି କାରଣରୁ ନବୀନଙ୍କୁ ଦିଲ୍ଲୀର ରାଜନୀତି ମଧ୍ୟ ଅଣଦେଖା କରିପାରୁନଥିଲା। କ୍ଷମତା ଗଲାପରେ ଦଳରେ ଝଡ଼ ଆସିଲା ହେଲେ ନବୀନ ରହିଲେ ପୂର୍ବ ପରି ସ୍ଥିର ଓ ଅବିଚଳିତ। ୨୦୨୪ ପରେ ବିଜେଡି ପାଇଁ ସମୟ ଅନେକ ବଦଳିଛି। କିଛି ପୁରୁଖା କିଛି ନୂଆ ନେତା ଦଳ ଛାଡ଼ିଛନ୍ତି, କିଛି ନେତାଙ୍କ ଭୂମିକା ମଧ୍ୟ ବଦଳିଛି, ସଂଗଠନକୁ ନେଇ ପ୍ରଶ୍ନ ଉଠିଛି। କିନ୍ତୁ ଦଳର ସବୁଠାରୁ ବଡ଼ ପରିଚୟ ନବୀନ ପଟ୍ଟନାୟକ, ସେମିତି ଅଛନ୍ତି। ଏହା ହିଁ ବୋଧହୁଏ ତାଙ୍କ ରାଜନୈତିକ ଶୈଳୀର ସବୁଠାରୁ ବଡ଼ ବିଶେଷତା। ପରିସ୍ଥିତି ବଦଳିଛି, ସରକାର ବଦଳିଛି, ନେତା ବଦଳିଛନ୍ତି। ରାଜନୈତିକ ସମୀକରଣ ମଧ୍ୟ ବଦଳିଛି। କିନ୍ତୁ ନବୀନଙ୍କ ଉପସ୍ଥିତି ଏବେ ବି ବିଜେଡିର ରାଜନୈତିକ ଆଲୋଚନାର କେନ୍ଦ୍ର। ହେ ନବୀନ ବାବୁ ଆମେ ତୁମ ଫ୍ୟାନ ଭଳି ଲୋକପ୍ରିୟ ଗୀତରେ ଲୋକେ ଯେମିତି ଖୁସିରେ ନାଚୁଛନ୍ତି ସେଭଳି ପଦ ଆଉ କେବେ କେଉଁ ନେତାଙ୍କ ଉଦ୍ଦେଶ୍ୟରେ ଲେଖାଯିବ ଓ ଲୋକେ ନାଚିବେ ତାହା ସନ୍ଦେହ ଲାଗୁଛି। ବିରୋଧୀ ଦଳର କଣ୍ଟେଣ୍ଟ କ୍ରିଏଟର ମାନେ ନିଜ ଦଳର ଲୋକପ୍ରିୟ ନେତାଙ୍କ ନାମ ଯୋଡ଼ି ଗୀତ ଭାଙ୍ଗି ଜନତାଙ୍କ ହୃଦୟ ଭିତରେ ରହିବାକୁ ପ୍ରୟାସ ହେ ନବୀନ ବାବୁ ଗୀତ ଆଗରେ ଫିକା ପଡ଼ି ଯାଉଛି।

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ନବୀନଙ୍କ ପାଇଁ ଏକ ନୂଆ ରାଜନୈତିକ ପରୀକ୍ଷା ହୋଇପାରେ। ଏଠାରେ କେବଳ ନବୀନଙ୍କ ବ୍ୟକ୍ତିଗତ ଲୋକପ୍ରିୟତା ନୁହେଁ, ବିଜେଡିର ସଂଗଠନ, ତୃଣମୂଳ ସ୍ତରର କାର୍ଯ୍ୟକର୍ତ୍ତା, ସ୍ଥାନୀୟ ପ୍ରସଙ୍ଗ ଏବଂ ବର୍ତ୍ତମାନର ସରକାର ପ୍ରତି ଲୋକଙ୍କ ମତ, ସବୁକିଛି ପ୍ରଭାବ ପକାଇବ। ନବୀନ ଯେତେ ଅଧିକ ରାଜନୈତିକ ଭାବେ ସକ୍ରିୟ ହେବେ, ବିଜେଡିର ସଂଗଠନ ସେତେ ଅଧିକ ସକ୍ରିୟ ହେବ କି ନାହିଁ, ତାହା ଆଗାମୀ ଦିନର ରାଜନୈତିକ ଗତିବିଧି ହିଁ କହିବ। ସେହିପରି 'ମୋଦୀ ମ୍ୟାଜିକ'ର ପ୍ରଭାବ କେତେ ରହିବ କିମ୍ବା କମିବ, ତାହା ମଧ୍ୟ ଏବେଠାରୁ ନିଶ୍ଚିତ କରିବା ଠିକ୍ ହେବ ନାହିଁ। କିନ୍ତୁ ଏତିକି ନିଶ୍ଚିତ କୁହାଯାଇପାରେ, ଆଗାମୀ ନିର୍ବାଚନରେ ନବୀନଙ୍କ ବ୍ୟକ୍ତିତ୍ୱ, ବିଜେଡିର ସଂଗଠନ ଓ ତାଙ୍କ ଦୀର୍ଘ ଶାସନର ଉତ୍ତରାଧିକାର ନିଶ୍ଚିତ ଭାବେ ରାଜନୈତିକ ଚର୍ଚ୍ଚାର ଏକ ବଡ଼ ଅଂଶ ହୋଇ ରହିବ। ନବୀନଙ୍କ ରାଜନୈତିକ କାହାଣୀ ଏବେ ଏକ ଭିନ୍ନ ମୋଡ଼ରେ। ଦିନେ ସେ ଥିଲେ ଶାସକ। ଆଜି ସେ ବିରୋଧୀ ଦଳର ନେତା। ଦିନେ ତାଙ୍କୁ ନେଇ ଥିଲା ସରକାର ଚଳାଇବାର ଚର୍ଚ୍ଚା; ଆଜି ତାଙ୍କୁ ନେଇ ଚର୍ଚ୍ଚା ହେଉଛି ବିରୋଧୀ ରାଜନୀତିକୁ ସେ କେତେ ଦୃଢ଼ କରିପାରିବେ। ୨୪ ବର୍ଷର ଶାସନ ଶେଷ ହୋଇଛି, କିନ୍ତୁ ନବୀନଙ୍କ ରାଜନୈତିକ ଅଧ୍ୟାୟ ଶେଷ ହୋଇନାହିଁ। କ୍ଷମତା ହାତରେ ନାହିଁ, ହେଲେ କ୍ରେଜ୍ କମିଛି କି ? ଏହାର ଉତ୍ତର ଦେବ ଆଗାମୀ ଦିନର ଓଡ଼ିଶା ରାଜନୀତି।




Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର